# ଶସ୍ୟ ଶ୍ୟାମଳା ହେବ ଭୋଗରାଇ କୃଷିକ୍ଷେତ୍ର


ପାଣି ନିଷ୍କାସନ ପାଇଁ ଡ୍ରୋନ ସର୍ଭେ କରାଯାଉଛି।


ଡ୍ରୋନ ସର୍ଭେ ଶୁଭାରମ୍ଭ ଅବସରରେ ଉପସ୍ଥିତ ବିଧାୟକ ଗୌତମବୁଦ୍ଧ ଦାସ, କୃଷକ ସଂଘର ସଦସ୍ୟ ଓ ବିଭାଗୀୟ ଅଧିକାରୀ।

ଭୋଗରାଇ, ୨୮ ।୧( ପ୍ରଦୀପ ଦାସ )

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳେଶ୍ୱର –ଚନ୍ଦନେଶ୍ୱର ୫ ୭ ନଂ. ରାଜ୍ୟ ରାଜପଥ ଦକ୍ଷିଣ ଭୋଗରାଇର ୩୨ପଞ୍ଚାୟତର ୮ ହଜାର ହେକ୍ଟର ଚାଷଜମି ଏବେ କୃଷିକ୍ଷେତ୍ର ସବୁଜ ବନାନୀରେ ପରିଣତ ହେବାକୁ ଯାଉଛି। ୧୫ ବର୍ଷରୁ ଉର୍ଦ୍ଧ୍ୱ ଏହି କୃଷିକ୍ଷେତ୍ର ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲାର ଉଦବୃତ୍ତ ବର୍ଷାପାଣି ଓ ରାସ୍ତା ପାର୍ଶ୍ୱରେ ଥିବା ଜଳ ନିଷ୍କାସନ ହେଉଥିବା ନାଳକୁ ଲୋକେ ଘରଦ୍ୱାର କରି ଜବରଦଖଲ ଓ ଅବରୋଧ କରିଥିବାରୁ ବର୍ଷତମାମ ଜଳମଗ୍ନ ହୋଇ ଧାନ, ପନିପରିବା, ତୈଳବୀଜ ଓ ପାନବରଜ ଚାଷ କ୍ଷତିଗ୍ରସ୍ତ ହୋଇଆସୁଛି। ଏଥିପାଇଁ କୃଷକ କୁଳ ପ୍ରଭାବିତ ହୋଇ ଆର୍ଥିକ ଓ ସାମାଜିକ ସ୍ଥିତି ବିଗିଡିଯାଉଥିବା ବେଳେ ବେକାର ଯୁବତୀଯୁବକ ବାଧ ହୋଇ ପରିବାର ପ୍ରତିପୋଷଣ ନିମନ୍ତେ ଦାଦନ ଖଟିବାକୁ ଭିନ୍ନ ରାଜ୍ୟକୁ ଯାଉଛନ୍ତି। ଏଭଳି ସ୍ଥିତିରେ କୃଷକ ସଂଘ ପକ୍ଷରୁ ଦୀର୍ଘଦିନର ଉଦ୍‌ବୃତ୍ତ ବର୍ଷାପାଣି ନିଷ୍କାସନ ନିମନ୍ତେ ଆନ୍ଦୋଳନ ତୀବ୍ର ଆକାର ଧାରଣ କରିଆସୁଥିଲା। ଭୋଗରାଇର ପୂର୍ବତନ ବିଧାୟକ ସ୍ୱର୍ଗତ ଅନନ୍ତ ଦାସଙ୍କ ଉଦ୍ୟମରେ ସୁବର୍ଣ୍ଣରେଖା ସଂସ୍କାର ଯୋଜନାରେ ଜଳସମ୍ପଦ ଓ ସେଚ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଡିପିଆରଓ ପ୍ରସ୍ତୁତ କରି ସରକାରଙ୍କୁ ପ୍ରାଥମିକ ସର୍ଭେ ରିପୋର୍ଟ ପ୍ରଦାନ କରାଯାଇଥିଲା। ପରେ ୨୦୨୩

## ଜଳ ନିଷ୍କାସନ ପାଇଁ ଡ୍ରୋନ ସର୍ଭେ

ମସିହା ଜୁନ ୬ରେ ୯୯ କୋଟି ୭୬ଲକ୍ଷ ସରକାରଙ୍କ ପକ୍ଷରୁ ଆର୍ଥିକ ଅନୁଦାନ ମଞ୍ଜୁର ହୋଇଥିଲା। ହେଲେ ଦୀର୍ଘବର୍ଷ ମଧ୍ୟରେ ଉକ୍ତ ଫାଇଲ ସରକାରୀ ଶୀତଳଭଣ୍ଡାରରେ ଥିବାବେଳେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବାରମ୍ବାର ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରିବା ଓ ନିଜେ ରାଜ୍ୟ ଜଳସମ୍ପଦ ସର୍ବୋଚ୍ଚ ଯନ୍ତ୍ରୀ ଇଂ.ଚନ୍ଦ୍ରଶେଖର ପାଢୀଙ୍କୁ ସାକ୍ଷାତ୍ କରି ଅବଗତ କଲା ପରେ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଜଳସମ୍ପଦ ବିଭାଗର ଏସ୍‌ଡିଓ ଇଂ.ଇରାକ କୁମାର ବେହେରା, ଏଇ ଇଂ. ହରିନାରାୟଣ ପରାମାଣିକ, ଜେଇ ଇଂ. ରଞ୍ଜନ କୁମାର ପାତ୍ରଙ୍କ ସହିତ ବିଧାୟକ ପଥରେଶ୍ୱର ଖାଲଠାରେ ଡ୍ରୋନ ଦ୍ୱାରା ଆକାଶମାର୍ଗରୁ ସର୍ଭେ କାର୍ଯ୍ୟ ଶୁଭାରମ୍ଭ କରିଛନ୍ତି। ଓଡିଶା ସରକାର ଓସାକ ସଂସ୍ଥା ପକ୍ଷରୁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୬ଟି ଖାଲ ଖନନ ନିମନ୍ତେ ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ ସମ୍ଭାବନା ରହିଥିବାର ବିଭାଗୀୟ ପକ୍ଷରୁ ସୂଚନା ମିଳିଛି। ଡ୍ରୋନ ସର୍ଭେ ଶୁଭାରମ୍ଭରେ କୃଷକ ସଂଘର ସଭାପତି ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଅଧ୍ୟକ୍ଷା ମୀନାରାଣୀ ସାସମଲ, ସମ୍ପାଦକ ସଦାଶିବ ସାମଲ, ଯତୀନ୍ଦ୍ର ପାତ୍ର, ରବୀନ୍ଦ୍ର ମାହାନ୍ତି, ଜିଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ସରପଞ୍ଚ ଅଶୋକ ସାସମଲ, ସୁକୁମାର ସାହୁ, ସଞ୍ଜୟ ପଣ୍ଡା, ନୀଳକଣ୍ଠ ଭଞ୍ଜ, ସୁଶାନ୍ତ ନାୟକ, ହରିଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦକ୍ଷିଣ ଭୋଗରାଇ ଉଦବୃତ୍ତ ବର୍ଷାପାଣି ଜମି ରହିଥିବା ଓ ଅନାବନା ଦଳରେ ପରିପୂର୍ଣ୍ଣ ହୋଇପଡ଼ିଥିବା ପାଣି ନିଷ୍କାସନ ବାଟ ଫିଟିଲେ ହଜାର ହଜାର ହେକ୍ଟର ଚାଷଜମିରୁ ପାଣି ନିଷ୍କାସନ ହୋଇ ସୁବର୍ଣ୍ଣରେଖା ଓ ସମୁଦ୍ରରେ ମିଶିଲେ ଚାଷ ଜମି ଶସ୍ୟ ଶ୍ୟାମଳାରେ ହସି ଉଠିବ ବୋଲି ଚାଷୀମାନେ ମତ ଦେଇଛନ୍ତି।

# ନୂଆସାହି ୟୁପି ସ୍କୁଲକୁ ମିଳିଲା ଗୋକୁଳ ଚନ୍ଦ୍ର ଟ୍ରଫି

## ବାବା ବାଲୁକେଶ୍ୱର ସାଂସ୍କୃତିକ ସଙ୍ଗଠନର ମେଧା ପ୍ରତିଯୋଗିତା

ଖଇରା, ୨୮।୧(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ବାବା ବାଲୁକେଶ୍ୱର କ୍ରୀଡ଼ା ଓ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ବାଗ୍‌ଦେବୀଙ୍କୁ ଆରାଧନା ଅବସରରେ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଆକାଶ ପଣ୍ଡାଙ୍କ ବେଦଧ୍ୱନି ମନ୍ତ୍ର ଉଚ୍ଚାରଣ ସହିତ ଅବସରପ୍ରାପ୍ତ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପରେ ୮ଟି ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ଗୀତ, ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଙ୍ଗଠନ ସଭାପତି ଜୟନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭାଜପା ଜିଲା ସମ୍ପାଦକ ଅଂଶୁମାଧବ ପଣ୍ଡା ମୁଖ୍ୟଅତିଥି, ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା, ସରପଞ୍ଚ ପ୍ରଣତିବାଳା ମାଝୀ ଓ ଯୁବନେତା ବୁଲୁ ଲେଙ୍କା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ମଳୟ ପାତ୍ର ବିବରଣୀ ପାଠ କରିଥିଲେ। ସାମଗ୍ରିକ ସଫଳତା ପାଇଁ ଚଳିତବର୍ଷର ଚାମ୍ପିୟନ ଟ୍ରଫି ରାମଚନ୍ଦ୍ର ନୋଡାଲ ହାଇସ୍କୁଲ ଓ ଗୋକୁଳ ଚନ୍ଦ୍ର ସ୍ମାରକୀ ଟ୍ରଫି ନୂଆସାହି ୟୁପି ସ୍କୁଲକୁ ପ୍ରଦାନ କରାଯାଇଥିଲା। ଗ୍ରାମର ବୟସ୍କ ବ୍ୟକ୍ତି ପ୍ରହଲ୍ଲାଦ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧ୍ରୁବଚରଣ ପୃଷ୍ଟି, ନରୋତ୍ତମ ବେହେରା, ନିରଞ୍ଜନ ଲେଙ୍କା, ମନୋଜ ପାତ୍ର, ଜୟନ୍ତ ପଣ୍ଡା, ବାଜୁଆ ପାତ୍ର, ଚନ୍ଦ୍ରମଣି ସେଣ୍ଠ ଓ ବିପଦ ଭଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

# କୋଚିଆକୋଇଲି ଲୋକ ମହୋତ୍ସବ

ବାହାନଗା, ୨୮।୧(ଅରୂପ କୁମାର ଦାସ)

ବାହାନଗା ବ୍ଲକ କୋଚିଆକୋଇଲି ପଞ୍ଚାୟତରେ ଗତ ୨୩ତାରିଖରେ ଆରମ୍ଭ ହୋଇଛି କୋଚିଆକୋଇଲି ଲୋକ ମହୋତ୍ସବ-୨୦୨୬। ମହୋତ୍ସବରେ ଯାତ୍ରାଜଗତ, ସିରିଏଲ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଷଷ୍ଠ ସନ୍ଧ୍ୟାରେ କାନ୍ଥିଗଡିଆସ୍ଥିତ ଜାନକୀ ନୋଡାଲ ସରକାରୀ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ରାଉତଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ମହିଳା ଗୀତିକାର ପୂର୍ଣ୍ଣିମା ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଯୋଗଦେଇଥିଲେ। ସଭାରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶରତ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏଥିରେ ବିଶିଷ୍ଟ ଅତିଥି ଭାବେ ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଅନନ୍ତପୁରସ୍ଥିତ ସାରସ୍ୱତ ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପକ ଲମ୍ବୋଦର ଭୋଇ, ସତ୍ୟବାନ ଜେନା, ସରପଞ୍ଚ ଯଶୋଦାମଣି ଶିଅଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ତ୍ରିଲୋଚନ ନାୟକ ଧନ୍ୟବାଦ ଦେଇଥିଲେ।

# ଅବକାରୀ ଚଢ଼ାଉ, ୩ ଗିରଫ

ସୋର, ୨୮।୧(ଜନ୍ମେଜୟ ମିଶ୍ର)

ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ବୁଧବାର ଚଢ଼ାଉ କରାଯାଇ ଗୁଡ଼ପୋଚ ନଷ୍ଟ କରାଯିବା ସହ ଦେଶୀମଦ ଜବତ କରାଯାଇ ୩ଜଣଙ୍କୁ ଗିରଫ କରାଯାଇଛି। ସୋର ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ୍ ସହ ଗୁଡ଼ିଖୋଲା ଗ୍ରାମରେ ଚଢ଼ାଉ କରି ସ୍ୱପ୍ନିନି ଭକ୍ତାଙ୍କ ନିକଟରୁ ୩୦ ଲିଟର ଦେଶୀମଦ, ଭାରତୀ ଭକ୍ତାଙ୍କ ନିକଟରୁ ୨୫ଲିଟର ଦେଶୀମଦ ଓ ବାଲିପୁର ଗ୍ରାମର କୁମାର ସାହିବଙ୍କ ନିକଟରୁ ୭.୮ ଲିଟର ବିଅର ଜବତ କରି ସମସ୍ତଙ୍କୁ ଗିରଫ କରିଥିଲେ। ସେହିପରି ଏହି ଟିମ୍ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମ୍ୟ ଜଙ୍ଗଲରେ ଗଢି ଉଠିଥିବା ମଦରନ୍ଧା କାରଖାନା ଉପରେ ଚଢ଼ାଉ କରି ୧୯୫୦ ଲିଟର ଗୁଡପୋଚ ନଷ୍ଟ କରିବା ସହିତ ୧୩୦ ଲିଟର ଦେଶୀମଦ ଜବତ କରିଥିଲେ। ଅପରାହ୍ନରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ୧୦ ପ୍ରତିଯୋଗିତାରେ ପ୍ରତିଯୋଗୀଙ୍କ ପ୍ରତିଭା ପ୍ରଦର୍ଶନ


ପ୍ରତିଯୋଗୀଙ୍କ ଦ୍ୱାରା ପ୍ରତିଭା ପ୍ରଦର୍ଶନ।

ବାଲେଶ୍ୱର , ୨୮।୧( ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ 'ଉତ୍ସାହ ୨୦୨୬'ର ଦ୍ୱିତୀୟ ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ନିର୍ଦ୍ଦେଶନା ଓ ସହଭାଗିତାରେ ଆୟୋଜିତ ଯୁବଶକ୍ତି, ସୃଜନଶୀଳତା ଓ ସାଂସ୍କୃତିକ ବିବିଧତାର ଉତ୍ସବ ଭାବେ ଏହି ମହୋତ୍ସବ ସାରା ପରିସରକୁ ଉତ୍ସାହମୟ କରିତୋଳିଛି। ପୂର୍ବ ଭାରତର ୨୦ଟି ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ସମାରୋହ ପରେ 'ଲୋକ ସଙ୍ଗୀତ

## ଏଫଏମୟୁରେ 'ଉତ୍ସାହ ୨୦୨୬' ର ଦ୍ୱିତୀୟ ଦିବସ

ବାଦ୍ୟବୃନ୍ଦ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୁଧବାର ୯ଟି ପ୍ରତିଯୋଗିତା ସଫଳତାର ସହ ଶେଷ ହୋଇଛି। ପଶ୍ଚିମାତ୍ୟ କଣ୍ଠସଙ୍ଗୀତ (ଏକକ), ଇଂରାଜୀ ବକ୍ତୃତା, ସ୍ଥଳୀୟ ଚିତ୍ରାଙ୍କନ, ଏକାଙ୍କିକା ନାଟକ, ଭାରତୀୟ ଗୋଷ୍ଠୀ ସଙ୍ଗୀତ, ଶାସ୍ତ୍ରୀୟ ବାଦ୍ୟସଙ୍ଗୀତ (ଅତାଳ ବାଦ୍ୟ), ହିନ୍ଦୀ ତର୍କବିତର୍କ, କୋଲାଜ ନିର୍ମାଣ ଓ ସୃଜନାତ୍ମକ ନୃତ୍ୟରଚନା ପ୍ରମୁଖ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗୀମାନେ କଳା, ପ୍ରତିଭା ଓ ସୃଜନଶୀଳତାର ଉଚ୍ଚସ୍ତରୀୟ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ। ଆବାହକ ଓ ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାରରଞ୍ଜନ ରାଉତ ଓ ଆୟୋଜକ ସଚିବ ଡ. ଅସୀମ ଅମିତାଭ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବରିଷ୍ଠ ବିଚାରକ, ନିର୍ଣ୍ଣାୟକ ସମିତି ସଦସ୍ୟ ଓ ସଞ୍ଚାଳନ ଦାୟିତ୍ୱରେ ଥିବା ସଦସ୍ୟଗଣ ସକ୍ରିୟ ସହଯୋଗ କରିଥିଲେ। ମହିଳା ଓ ଛାତ୍ରୀମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ପରିସର ମଧ୍ୟରେ ଏକ ସୂଚନା-ସାହାଯ୍ୟ କେନ୍ଦ୍ର ସ୍ଥାପନ କରାଯାଇଛି। ସ୍ୱାସ୍ଥ୍ୟଗତ ଆବଶ୍ୟକତା ପୂରଣ ପାଇଁ ଦିନରାତି କାର୍ଯ୍ୟକ୍ଷମ ଏକ ସ୍ୱାସ୍ଥ୍ୟକେନ୍ଦ୍ର ଉପଲବ୍ଧ ରହିଛି ।

# 'ଏ କେମିତିକା ସମ୍ପର୍କ' ନାଟକ ମଞ୍ଚସ୍ଥ

କାଳିପଦା, ୨୮।୧(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ବଡାପାଳସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ଏ କେମିତିକା ସମ୍ପର୍କ' ପରିବେଷିତ ହୋଇଯାଇଛି। ଶିକ୍ଷକ ରଘୁନାଥ ଗଙ୍ଗାଇ ନାଟ୍ୟ ନିର୍ଦ୍ଦେଶନା ଓ ପରିଚାଳନା କରିଥିଲେ। ପିଲାମାନଙ୍କର ଅଭିନୟ ବେଶ ଚିତ୍ତାକର୍ଷକ ହୋଇଥିଲା। ପିଲାଙ୍କ ମଧ୍ୟରେ ଲୁକ୍କାୟିତ ହୋଇରହିଥିବା କଳା ଓ ପ୍ରତିଭାକୁ ପ୍ରଦର୍ଶନ କରିବା ପାଇଁ ପ୍ରତ୍ୟେକ ବର୍ଷ ବାର୍ଷିକ ଉତ୍ସବରେ ନାଟକ ପରିବେଷଣ କରାଯାଇଥାଏ ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଧରଣୀଧର ଜେନା କହିଛନ୍ତି। ନାଟକରେ ଦର୍ଶକ ମୁଗ୍ଧ ହୋଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଝୁମିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହାକୁ ପରିଚାଳନା କରିଥିଲେ।



ନାଟକର ଏକ ଦୃଶ୍ୟ।

# ଆଇଟିଡିଏ କାର୍ଯ୍ୟାଳୟ ଆଗରେ ବିଜେଡିର ଗଣଧାରଣା

ନୀଳଗିର, ୨୮।୧ (ପ୍ରଶାନ୍ତ କୁମାର ବିଶ୍ୱାଳ)

ବିଭାଗୀୟ କାର୍ଯ୍ୟ ସମ୍ପାଦନ ନାମରେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ପୃଷ୍ଠପୋଷକତା ପ୍ରତିବାଦରେ ନୀଳଗିରି ବିଜେଡି ତରଫରୁ ବୁଧବାର ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧାରଣା ଦିଆଯାଇଛି। ନୀଳଗିରି ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ ପୂର୍ବତନ ଲୋକପ୍ରତିନିଧିମାନେ ଏହି ଧାରଣାରେ ସାମିଲ ହୋଇଥିଲେ। ୨୦୨୩/୨୪ ଓ ୨୫/୨୬ ଆର୍ଥିକ ବର୍ଷରେ ନୀଳଗିରି ଆଇଟିଡିଏକୁ ଆସିଥିବା ସରକାରୀ ଅନୁଦାନକୁ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ପୃଷ୍ଠପୋଷକତା କରି କାର୍ଯ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି। ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ଧାରଣାକାରୀ ବିଭାଗ ସ୍ୱଚ୍ଛତାର ସହ ଉନ୍ନୟନ କାର୍ଯ୍ୟ ବଣ୍ଟନ କରିବାକୁ ଦାବି କରିଥିଲେ। ପ୍ରଧାନମନ୍ତ୍ରୀ ଆଦର୍ଶ ଯୋଜନାରେ ୨କୋଟି ୬୦ଲକ୍ଷ, ସ୍ୱତନ୍ତ୍ର ଉନ୍ନୟନ ଯୋଜନାରେ ୧କୋଟିରୁ ୨୬ଲକ୍ଷ, ମୁଖ୍ୟମନ୍ତ୍ରୀ ଉନ୍ନୟନ ଯୋଜନାରେ ୧କୋଟିରୁ ଉର୍ଦ୍ଧ୍ୱ, ଛାତ୍ରାବାସ ମରାମତି, ପାଚେରୀ ନିର୍ମାଣ, ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ, ପାନୀୟଜଳ ଯୋଜନାରେ ୨କୋଟି ୮୯ଲକ୍ଷ ୬୬ହଜାର ଟଙ୍କା ଅନୁଦାନ ଆସିଥିବା ବେଳେ ସରପଞ୍ଚ, ସମିତି ସଭ୍ୟା/ସଭ୍ୟଙ୍କୁ ଅନ୍ଧାରରେ ରଖି କାର୍ଯ୍ୟାଦେଶ ଦିଆଯାଉଥିବା ଅଭିଯୋଗ ହୋଇଛି। ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ସମିତିସଭ୍ୟା ବିନତା ମାଢେଇ, ଭଡଙ୍ଗିଆବାଡ ସରପଞ୍ଚ ସଞ୍ଜୟ କୁମାର ସିଂ, ସମିତିସଭ୍ୟା ସାବିତ୍ରୀ ସିଂ, ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ସିଆଡିମାଳ ସରପଞ୍ଚ ସୁରଥ ସିଂ, ସମିତିସଭ୍ୟ ରାଜୀବ ଦାସବାବୁ, ଛତ୍ରପୁର ସରପଞ୍ଚ ମାଳତୀ ମାର୍ଣ୍ଡୀ, ନାଏବ ସରପଞ୍ଚ ହରେକୃଷ୍ଣ ମାଝୀ, ନରସିଂହପୁର ସମିତିସଭ୍ୟା ଅହଲ୍ୟା ନାୟକ, ମଛୁଆ ସମିତିସଭ୍ୟ ରମାକାନ୍ତ ମଢ଼େଇ ପ୍ରମୁଖ ଏହି ଅଭିଯୋଗ ଆଣିଛନ୍ତି। ଏହାର ସ୍ଥାୟୀ ସମାଧାନ ନହେଲା ପର୍ଯ୍ୟନ୍ତ ଏହି ଧାରଣା ଜାରିରହିବ ବୋଲି ଚେତାବନୀ ଦିଆଯାଇଛି।



ଆଇଟିଡିଏ କାର୍ଯ୍ୟାଳୟ ଆଗରେ ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି।

# ସିପିଏମ୍ ନେତା ମହେଶ୍ୱର ଭୁଆଁଙ୍କ ପରଲୋକ

ନୀଳଗିରି, ୨୮।୧(ପ୍ରଶାନ୍ତ କୁମାର ବିଶ୍ୱାଳ)

ସିପିଏମ୍ ନେତା ମହେଶ୍ୱର ଭୁଆଁ(୮୦)ଙ୍କ ପରଲୋକ ହୋଇଯାଇଛି। ମଙ୍ଗଳବାର ରାତିରେ ଛାତିରେ ଯନ୍ତ୍ରଣା ହେତୁ ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଗ୍ରାମ ନରଣପୁର ସହିତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ କୃଷକ ନେତା ଭାବେ ପରିଚିତ। ସିପିଆଇ(ଏମ) ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ତାଙ୍କୁ ପାର୍ଟିର ଧାରା ଅନୁଯାୟୀ ଲାଲ ପତାକା ଓ ପୁଷ୍ପ ମାଳା ପ୍ରଦାନ କରାଯାଇଛି। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରି ଗ୍ରାମ ଶ୍ମଶାନରେ ଦାହ କରାଯାଇଛି। ତାଙ୍କ ଶବ ଧାରରେ ଦଳର ଜିଲା କମିଟି ସଭ୍ୟ ସତ୍ୟଜିତ ଦାସ, ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଯୋଗାନନ୍ଦ ଦାଶ, ମନୋରଞ୍ଜନ ସାହୁ, ଭଗବାନ ମହାନ୍ତି, ଉମାକାନ୍ତ ଷଡଙ୍ଗୀ, ଲକ୍ଷ୍ମୀଧର ସାହୁ, ରାମଚନ୍ଦ୍ର ସିଂ, ରାମଚନ୍ଦ୍ର ପଡ଼ିଆରୀ, ମୃତ୍ୟୁଞ୍ଜୟ ନାୟକ, ଅମରେନ୍ଦ୍ର ନାୟକ ଉପସ୍ଥିତ ଥିଲେ।

# ଓଡ଼ିଶା ବନ୍ଦ ପ୍ରଭାବ ଆଂଶିକ

ଜଳେଶ୍ୱର, ୨୮।୧( ନବୀନ ସାହୁ)

ଧାନ ବିକ୍ରିରେ ଅନିୟମିତତା ପ୍ରତିବାଦରେ ଦିଆଯାଇଥିବା ଓଡ଼ିଶା ବନ୍ଦର ଡାକରାର ପ୍ରଭାବ ଜଳେଶ୍ୱରରେ ଆଂଶିକ ପଡିଛି। ୧୬ ନମ୍ବର ଜାତୀୟ ରାଜପଥ ବନ୍ଦ ରହିଥିବା ବେଳେ ଦୋକାନ ବଜାର ମଧ୍ୟ ବନ୍ଦ ରହିଛି। ଜଳେଶ୍ୱର ୧୬ ନମ୍ବର ଜାତୀୟ ରାଜପଥ ଛକକୁ ନବ ନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତାମାନେ ଅବରୋଧ କରିଛନ୍ତି। ଫଳରେ ଜାତୀୟ ରାଜପଥରେ ଗାଡି ଚଳାଚଳ ବନ୍ଦ ରହିଛି। ନବ ନିର୍ମାଣ କୃଷକ ସଙ୍ଗଠନ ସଦସ୍ୟମାନେ ରାଜପଥ ଉପରେ ନାରାବାଜି ଦେଇଛନ୍ତି। ସେହିପରି ଏହି ଓଡିଶା ବନ୍ଦ ଡାକରାକୁ ଓଡିଶା କୃଷକ ସଭା ସିପିଏମ ଦଳ ସହ ଜିଲା କଂଗ୍ରେସ ମଧ୍ୟ ସମର୍ଥନ ଦେଇ ଆନ୍ଦୋଳନରେ ସାମିଲ ହୋଇଛି। ତେବେ ଆଇନଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଜଳେଶ୍ୱର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୧୬ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଗାଡି ଅଟକି ରହିଛି । ଏହାକୁ କଂଗ୍ରେସ ମଧ୍ୟ ସମର୍ଥନ ଜଣାଇଛି।

# 'ମତ୍ସ୍ୟ ଅବତରଣ କେନ୍ଦ୍ରର ସର୍ବାଙ୍ଗୀନ ବିକାଶ ହେବ'

## ସରିଲା ବାର୍ଷିକ ଗଙ୍ଗାମାତା ପୂଜା ଉତ୍ସବ

ବାଲେଶ୍ୱର, ୨୮।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ବାହାବଳପୁର ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ୧୨ଦିନ ବ୍ୟାପୀ ଆୟୋଜିତ ୭୫ତମ ବାର୍ଷିକ ଗଙ୍ଗାମାତା ପୂଜା ଉତ୍ସବ ଓ ମେଳା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସଂଘ ସଭାପତି ବିକାଶ ଦାସ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ବାହାବଳପୁର ମତ୍ସ୍ୟ ଅବତରଣ କେନ୍ଦ୍ରର ସର୍ବାଙ୍ଗୀନ ବିକାଶ ହେବ ବୋଲି କହିଥିଲେ। ଜେଟି ଅଞ୍ଚଳର ଉନ୍ନତିକରଣ ପାଇଁ ସରକାର ୩୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ


ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ବୋଧନ ଦେଉଛନ୍ତି।

କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇ ଗଙ୍ଗାମାତା ଭାରତୀୟ ଅର୍ଥନୀତିର ଆଧାର ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇ ଜେଟିର ଉନ୍ନତି ହେଲେ ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀଙ୍କ ଆର୍ଥିକ ମାନଦଣ୍ଡର ଅଭିବୃଦ୍ଧି ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ରାମନାରାୟଣ ଦ୍ୱିବେଦୀ, ସମିତିସଭ୍ୟ ଅଞ୍ଜନ ପରିଡ଼ା, ଭାଜପା ନେତା ପର୍ଶୁରାମ ପରିଡ଼ା, ଗୌରାଙ୍ଗ ଦାସ, ରବିନାରାୟଣ ମହାପାତ୍ର ଓ ଲୋକନାଥ ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ।

ସଂଘ ସମ୍ପାଦକ ଗୋରାଚାନ୍ଦ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ପ୍ରବୀର କୁମାର ସାହୁ, ଯୁଗ୍ମ ସମ୍ପାଦକ ଅଞ୍ଜନ କୁମାର ପରିଡ଼ା, ହେମନ୍ତ ସାହୁ, କୋଷାଧ୍ୟକ୍ଷ ଗୌରାଙ୍ଗ ଚରଣ ମଣ୍ଡଳ ଓ ଅଶୋକ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ। ଜେଟିଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ନଦୀର ପୁନରୁଦ୍ଧାର, ମାଛଧରା କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା, ଜେଟିର ବିଭିନ୍ନ ଗୃହର ମରାମତି ଓ ନବୀକରଣ, ଟ୍ରଲର ମାଲିକଙ୍କୁ ଡିଜେଲ ସବ୍‌ସିଡି, ମତ୍ସ୍ୟଜୀବୀଙ୍କ ବୀମାରାଶି ୫ ଲକ୍ଷକୁ ବୃଦ୍ଧି, ମାଛଧରା ନିଷେଧ ସମୟରେ ମତ୍ସ୍ୟଜୀବୀ ଓ ଡଙ୍ଗାମାଲିକଙ୍କୁ ମାସିକ ୧୫ହଜାର ଟଙ୍କାର ସହାୟତା, ପିଡବ୍ଲୁଡ଼ି ରୋଡ୍‌ଠାରୁ ମାଛ ମାର୍କେଟ୍ ପର୍ଯ୍ୟନ୍ତ ରାସ୍ତାର ମରାମତି ଆଦି ୧୩ଦଫା ସମ୍ବଳିତ ଦାବିପତ୍ର ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

**ବ୍ୟାଙ୍କ ଡକାୟତି ଘଟଣା: ଆଉ ଜଣେ ସହଯୋଗୀ ଗିରଫ**

ବଡ଼ବିଲ,(ଜୟନ୍ତୀ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ଗତ ୧୯ ତାରିଖରେ ହୋଇଥିବା ଡକାୟତି ଘଟଣାରେ ପୋଲିସ ବୁଧବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଝାଡ଼ଖଣ୍ଡ ରାଜ୍ୟ ଧାନବାଦ ଜିଲା ସିନ୍ଦ୍ରି ଥାନା ଅନ୍ତର୍ଗତ ତସରା ଗ୍ରାମର ଅଭିରଞ୍ଜନ କୁମାର। ଅଭିଯୁକ୍ତ ଜଣକ ଲୁଟେରାଙ୍କୁ ସହଯୋଗ କରୁଥିଲେ।



**କେନ୍ଦୁଝର**

## ଲାଞ୍ଚ ମାମଲାରେ ପୂର୍ବତନ ନେସ୍କୋ କନିଷ୍ଠ ଯନ୍ତ୍ରୀଙ୍କୁ ଜେଲ

କେନ୍ଦୁଝର,୨୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏକ ଲାଞ୍ଚ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମାମଲାର ବିଚାରକରି ପୂର୍ବତନ ନେସ୍କୋ, ଇଲେକ୍ଟ୍ରିକାଲ ସେକ୍ସନ ନମ୍ବର ୩ର କନିଷ୍ଠ ଯନ୍ତ୍ରୀ ଅନନ୍ତ କୁମାର ସାହୁଙ୍କୁ ଦୋଷୀ ସାବ୍ୟସ୍ତକରି ୧ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ପୂର୍ବତନ କନିଷ୍ଠ ଯନ୍ତ୍ରୀ ଜଣେ ଉପଭୋକ୍ତାଙ୍କ ଏକ ନୂଆ ଘରକୁ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପୂର୍ବ ଯୋଜନା ମୁତାବକ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିବା ସହ ୭ ଦୁର୍ନୀତି ନିବାରଣ ଆଇନ ୧୯୮୮ ଓ ଧାରା ୧୩(୨), ୧୩(୧)(ଡି) ରେ ଚାର୍ଜଶିଟ୍ ଦାଖଲ କରିଥିଲା। ଉକ୍ତ ଦିନଠାରୁ କାର୍ଯ୍ୟରୁ ନିବୃତ କରାଯାଇଥିଲା। ଏ ନେଇ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ସୂଚନା ପ୍ରଦାନ କରାଯାଇଛି।

# ନୋଟିସ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ

## ବେଆଇନ ନିର୍ମାଣ ପ୍ରସଙ୍ଗ

କେନ୍ଦୁଝର,୨୮।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରରେ ବିନା ପାର୍କିଂ ବ୍ୟବସ୍ଥାରେ ବ୍ୟବସାୟିକ କେନ୍ଦ୍ର ଗଢ଼ି ଉଠିଥିବାରୁ ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇପଡ଼ିଛି। ଅନେକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସରିବା ପରେ ପାର୍କିଂ ସ୍ଥାନକୁ ଭଡ଼ା ଦିଆଯାଉଛି। ଫଳରେ ରାସ୍ତାରେ ଗାଡ଼ି ଛିଡ଼ା ହେଉଥିବାରୁ ଟ୍ରାଫିକ୍ ସମସ୍ୟା ଗୁରୁତର ହେଉଛି। ଏପରିକି ଆମ୍ବୁଲାନ୍ସ, ସ୍କୁଲ ବସ୍, ଅଗ୍ନିଶମ ଗାଡ଼ି ତଥା ସାଧାରଣ ଲୋକେ ଜରୁରୀ ସମୟରେ ଯିବା ଆସିବା କରିପାରୁନାହାନ୍ତି। ରାସ୍ତା ସଙ୍କୋଚନ କାରଣରୁ ଦୁର୍ଘଟଣା ଘଟୁଛି। ବେଆଇନ ନିର୍ମାଣ ନେଇ ଅଭିଯୋଗ ପରେ ନୋଟିସ ହେଉଛି। ମାତ୍ର ପରବର୍ତ୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ପରିସ୍ଥିତି ସୁଧୁରୁନାହିଁ। ସମସ୍ୟା ସମାଧାନ କରା ନ ଗଲେ ବାଧହୋଇ ଆଇନର ଦ୍ୱାରସ୍ଥ ହେବୁ ବୋଲି ବରିଷ୍ଠ ଆଇନଜୀବୀ ଦେବାଶିଷ ପତି କହିଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ସହରରେ ବିନା ପ୍ଲାନ୍‌ରେ ଅନେକ ବ୍ୟବସାୟିକ ଘର ନିର୍ମାଣ ହେଉଛି। ଏ ନେଇ ସ୍ଥାନୀୟ ଅଧିବାସୀ ଅଭିଯୋଗ କରିବା ପରେ ଯାଞ୍ଚ କରାଯାଇଥିଲା। ମାଇନିଂ ରୋଡ୍ ରାସ୍ତାର ଆଇସିଆଇସିଆଇ ବ୍ୟାଙ୍କ ନିକଟରେ ନିର୍ମିତ କୋଠା ପୌରପାଳିକା ନଜରକୁ ଆସିବା ପରେ ସମ୍ପୃକ୍ତ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଉକ୍ତ ସ୍ଥାନରେ ଅନେକ ମାର୍କେଟ କମ୍ପ୍ଲେକ୍ସରେ ପାର୍କିଂ ସୁବିଧା ନ ଥାଇ କୋଠା ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। ସେହିପରି ଥାନା ଛକ ନିକଟରେ ଏକ ୩ମହଲା ଘର ଶେଷହେବା ପରେ ପାର୍କିଂସ୍ଥଳକୁ ଏକ ବେସରକାରୀ ବ୍ୟାଙ୍କକୁ ଘର ମାଲିକ ଭଡ଼ାରେ ଦେଇଛନ୍ତି। ବିଜୁ ପଟ୍ଟନାୟକ ଛକରେ ଆଉ ଏକ ବ୍ୟବସାୟିକ ପ୍ରତିଷ୍ଠାନ ବିନା ପ୍ଲାନ୍‌ରେ କରିବା ପରେ ପୌରପାଳିକା ପକ୍ଷରୁ ନୋଟିସ ଦିଆଯାଇ କାମ ବନ୍ଦ କରିବାକୁ କୁହାଯାଇଥିଲା। ଘର ମାଲିକ ନୋଟିସକୁ ବେଖାତିରକରି ଘର ଶେଷ କରି ଏକ ପ୍ରାଇଭେଟ୍ ଫାଇନାନ୍ସ କମ୍ପାନୀକୁ ଭଡ଼ାରେ ଦେଇଛନ୍ତି। ପୌରପାଳିକାର ନିର୍ଦ୍ଦେଶକୁ ଅମାନ୍ୟ କରିଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ପୌରପାଳିକା ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ସହର ମଧ୍ୟରେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନର ପାର୍କିଂସ୍ଥଳ ରହିଛି କି ନାହିଁ ଯାଞ୍ଚକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ପୌର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ କହିଛନ୍ତି, କେନ୍ଦୁଝର ସହରକୁ ସୁନ୍ଦର କରିବାକୁ ପଦକ୍ଷେପ ନିଆଯାଉଛି। ବେଆଇନ ନିର୍ମାଣ ଓ ଜବରଦଖଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବେଆଇନ କାମ ପାଇଁ ନୋଟିସ କରାଯାଇଛି। ସେମାନଙ୍କ ବିରୋଧରେ ପରବର୍ତ୍ତୀ ସମୟରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାଇନିଂ ରୋଡ୍ ରାସ୍ତାରେ ଏକ ତୃତୀୟ ମହଲା କାମ ବିନା ପ୍ଲାନ୍‌ରେ ଚାଲିଥିବା ଅଭିଯୋଗ ପରେ କାମ ବନ୍ଦ କରାଯାଇଛି।

## କନକ ଟ୍ରାନ୍ସପୋର୍ଟ ଅଫିସରେ ଆୟକର ଚଢ଼ାଉ

କେନ୍ଦୁଝର,୨୮।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର କଲେଜ ରୋଡ୍‌ରେ ଥିବା କନକ ଟ୍ରାନ୍ସପୋର୍ଟ ଅଫିସରେ ବୁଧବାର ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ସଂସ୍ଥାର ମାଲିକଙ୍କ ଅନୁପସ୍ଥିତିରେ ରାତି ପର୍ଯ୍ୟନ୍ତ ଚଢ଼ାଉ ଚାଲିଥିବା ଜଣାପଡ଼ିଛି। ତେବେ କେଉଁ ଆଧାରରେ ଏହି ଚଢ଼ାଉ କରାଯାଇଛି, କୌଣସି ସୂଚନା ବିଭାଗ ପକ୍ଷରୁ ମିଳିପାରିନାହିଁ। ସଂସ୍ଥା ବିଶେଷକରି ଖଣିଜ ପଥର ପରିବହନ କରିଆସୁଛି। ଚଢ଼ାଉରେ ଜଡ଼ିତ କର୍ମଚାରୀ ଟ୍ରାନ୍ସପୋର୍ଟ କାଗଜପତ୍ର ଆଦି ଯାଞ୍ଚ କରିଥିବା ସୂଚନା ମିଳିଛି।

## କେନ୍ଦୁଝର ସଦର ଶ୍ରେଷ୍ଠ ବ୍ଲକ୍



ବିଡିଓ ମନ୍ତ୍ରୀଙ୍କ ନିକଟରୁ ଟ୍ରଫି ଗ୍ରହଣ କରୁଛନ୍ତି।

କେନ୍ଦୁଝର,୨୮।୧(ଦୀପକ ମିଶ୍ର)

ସାଧାରଣତନ୍ତ୍ର ଦିବସ ଅବସରରେ ସୋମବାର କେନ୍ଦୁଝର ସଦର ବ୍ଲକ୍‌ଜିଲାରେ ଉନ୍ନୟନ ଏବଂ ଯୋଜନା କାର୍ଯ୍ୟକାରିତା ଆଧାରରେ ଶ୍ରେଷ୍ଠ ବ୍ଲକ୍‌ଭାବେ ସମ୍ମାନିତ ହୋଇଛି। ଏହି ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଟ୍ରଫି ପ୍ରଦାନ କରିଥିଲେ। ନଳିନୀ ରଞ୍ଜନ ସ୍ମାରକୀ ନାମରେ ପ୍ରଦାନ କରାଯାଇଥିବା ଟ୍ରଫିକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ଗ୍ରହଣ କରିଥିଲେ। ପ୍ରକାଶଯୋଗ୍ୟ, ଦକ୍ଷ ପ୍ରଶାସନିକ ଅଧିକାରୀ ସ୍ୱର୍ଗତ ନଳିନୀ ରଞ୍ଜନ ମିଶ୍ରଙ୍କ ଉଦ୍ଦେଶ୍ୟରେ ୧୯୯୭ରୁ ଜିଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଶ୍ରେଷ୍ଠ ବ୍ଲକ୍‌କୁ ପ୍ରଦାନ କରାଯାଉଛି।

## ଅମରେନ୍ଦ୍ର ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି

ହାଟଡ଼ିହୀ,୨୮।୧(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ବିଜେଡ଼ିର ମିଡ଼ିଆ ସେଲ ସଂଯୋଜକ ଭାବେ ଦାୟିତ୍ୱ ତୁଲାଉଥିବା ହାଟଡ଼ିହୀ ବ୍ଲକ୍ କଳିଙ୍ଗା ପଞ୍ଚାୟତର ଅମରେନ୍ଦ୍ର ଧଳଙ୍କୁ ଦଳ ଜିଲା ସଭାପତି ଭାବେ ନିଯୁକ୍ତ କରିଛି। ବିଜୁ ଜନତା



ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଚଳିତ ମାସ ୨୫ ତାରିଖ କାର୍ଯ୍ୟାଳୟ ଆଦେଶ ଅନୁଯାୟୀ ଏହି ନିଯୁକ୍ତି ପାଇଛନ୍ତି। ସୂଚନାଯୋଗ୍ୟ, ଅମରେନ୍ଦ୍ର ୨୦୧୭ଠାରୁ ୨୦୨୨ ପର୍ଯ୍ୟନ୍ତ ନିଜ ପଞ୍ଚାୟତର ସରପଞ୍ଚ, ୨୦୧୫ରୁ ୨୦୨୪ ପର୍ଯ୍ୟନ୍ତ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ, ୨୦୧୨ରୁ ୨୦୧୩ ପର୍ଯ୍ୟନ୍ତ ବିପିୟୁଟିର ଉପସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଅମରେନ୍ଦ୍ର କହିଛନ୍ତି, ଆସନ୍ତା ଦିନରେ ଛାତ୍ର ସଂଗଠନକୁ ଅଧିକରୁ ଅଧିକ ଶକ୍ତିଶାଳୀ କରିବା ସହ ସମସ୍ତ କାର୍ଯ୍ୟକ୍ରମକୁ ଠିକ୍ ଭାବେ କରିବେ। ଅମରେନ୍ଦ୍ର ସଭାପତି ଭାବେ ନିର୍ବାଚିତ ହେବା ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, ବିଧାୟକ ବଦ୍ରି ନାରାୟଣ ପାତ୍ର, ଅଭିମନ୍ୟୁ ସେଠୀ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ଜିଲା ସଭାପତି ମାଧବ ସର୍ଦାର, କୁଶ ଆପଟ୍ଟ, ବିଜେଡି ଯୁବନେତା ଦେବପ୍ରିୟ ପାତ୍ର, ଦେବାଶିଷ ପାତ୍ର, ଜିଲା ଯୁବ ସଭାପତି ରାକେଶ ରାମ, ରାଜ୍ୟ ଛାତ୍ର ସଭାପତି ଇପ୍ସିତା ସାହୁ, ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅମର କୁଅଁର, ବିଜେଡି ଏମ୍‌ପି ପ୍ରାର୍ଥୀ ଧନୁର୍ଜୟ ସିଧୁ, ଜିଲା ସାଧାରଣ ସମ୍ପାଦକ ଗିରିଜା ଶଙ୍କର ସାହୁ, ଜିଲା ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ଧାରଣା



ବିଦ୍ୟାଳୟ ଫାଟକ ଆଗରେ ଧାରଣାରତ ଛାତ୍ରୀଛାତ୍ର ଓ ଅଭିଭାବକ।

### ଗେଡ୍‌ମା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ

ବଉଳା,୨୮।୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଗେଡ୍‌ମା ପଞ୍ଚାୟତ ଗେଡ୍‌ମା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଲାଗି ରହିଛି। ବାରମ୍ବାର ଦାବି ସତ୍ତ୍ୱେ ପୂରଣ ନ ହେବାରୁ ବୁଧବାର ଅଭିଭାବକ ଓ ଛାତ୍ରୀଛାତ୍ର ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ।

ଅଭିଯୋଗ ଅନୁଯାୟୀ, ୧ମରୁ ୫ମ ଶ୍ରେଣୀ ଥିବାବେଳେ ଶିଶୁ ବାଟିକା ମଧ୍ୟ ରହିଛି । ୬ ଟି ଶ୍ରେଣୀକୁ ୨ଜଣ ଶିକ୍ଷକ ଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ମଧ୍ୟାହ୍ନ ଭୋଜନରେ ବ୍ୟସ୍ତ ରହୁଛନ୍ତି। ଜଣେ ଶିକ୍ଷକ ୬ଟି ଶ୍ରେଣୀରେ ଶିକ୍ଷାଦାନ କରିବା କଷ୍ଟକର ହେଉଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଯଦି କୌଣସି ଦିନ ଜଣେ ଶିକ୍ଷକ ଛୁଟି ନିଅନ୍ତି, ପାଠପଢ଼ା ଠପ୍ ହେଉଛି। ଆଗାମୀ ଦିନରେ ପରୀକ୍ଷା ଥିବା ବେଳେ ଶିକ୍ଷକ ଅଭାବରୁ ଛାତ୍ରୀଛାତ୍ର ଠିକ୍ ଭାବେ ଶିକ୍ଷାଗ୍ରହଣ କରିପାରୁନାହାନ୍ତି। ଅଭିଭାବକ ଓ କମିଟି ସଦସ୍ୟଙ୍କ ଦାବିକୁ ଶିକ୍ଷା ବିଭାଗ କର୍ଣ୍ଣପାତ ନ କରିବାକୁ ଅଭିଭାବକ ଓ କମିଟି ସଦସ୍ୟ ପିଲାଙ୍କୁ ଧରି ଧାରଣାରେ ବସିବା ସହିତ ପ୍ରତିବାଦ ଜଣାଇଥିବା ଅଭିଭାବକମାନେ କହିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ଦାସ କହିଛନ୍ତି, ଘଟଣାକୁ ନେଇ ବିଇଓ ଏବଂ ଏବିଇଓଙ୍କୁ ସୂଚନା ଦେଇଛନ୍ତି । ବୁଧବାର ପଠାଣିସାମନ୍ତ ପରୀକ୍ଷା ଥିବାରୁ ଧାରଣାସ୍ଥଳକୁ ଯାଇ ନ ଥିଲେ। ଏହାକୁ ନେଇ ବ୍ଲକ୍ ଶିକ୍ଷାଧିକାରୀ ରାଜୀବ ଦଳେଇ କହିଛନ୍ତି, ଏବେ ୫୦ଟି ବିଦ୍ୟାଳୟରେ ୨ଜଣ ଶିକ୍ଷକ ଥିବାବେଳେ କିଛି ବିଦ୍ୟାଳୟରେ ଜଣେ ଲେଖାଏ ଅଛନ୍ତି। ପରୀକ୍ଷା ଆରମ୍ଭ ହେବାକୁ ଯାଉଥିବାରୁ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅଦଳବଦଳ କରାଯାଇପାରୁନାହିଁ। ପରୀକ୍ଷା ସରିଲେ ଯେଉଁଠି ଯାହା ସମସ୍ୟା ଅଛି ସମାଧାନ କରାଯିବ ବୋଲି କହିଥିଲେ।

## ଟ୍ରାକ୍ଟର ଧକ୍କାରେ ଜଣେ ମୃତ

ବଞ୍ଚୋ,୨୮।୧(ପ୍ରଦୋଷ କୁମାର ବିଶ୍ୱାଳ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବାଙ୍ଗିଡ଼ି ନିକଟରେ ମଙ୍ଗଳବାର ରାତିରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଆନନ୍ଦପୁର ବ୍ଲକ୍‌ର ଲୁଣିଖାଇ ଗାଁର ଯୋଗେନ୍ଦ୍ର ଦେଓଗାମ। ବଡ଼ବିଲ ବ୍ଲକ୍ ବିର୍‌ବଳ ଗାଁର ଯଦୁ ହୋ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଭୋଗପୁରଠାରେ ରହି ଉଭୟ ମିସ୍ତ୍ରୀ କାମ କରୁଥିଲେ। ପ୍ରକାଶ ଯେ, ସନ୍ଧ୍ୟାରେ ଯଦୁ ଓ ଯୋଗେନ୍ଦ୍ର ଗୋଟିଏ ବାଇକ୍‌ରେ ଭୋଗପୁରରୁ କରଞ୍ଜିଆ ଯାଉଥିଲେ। ବାଙ୍ଗିଡ଼ି ନିକଟରେ ଏକ ଟ୍ରାକ୍ଟର ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ଯୋଗେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଯଦୁ ଗୁରତର ଅବସ୍ଥାରେ ପଡ଼ିଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଅନନ୍ଦପୁର ଆଇଆଇସି ଫଣୀନ୍ଦ୍ର ନାଏକ ପୋଲିସ ଗାଡ଼ିରେ ତାଙ୍କୁ ଆନନ୍ଦପୁର ଚିକିତ୍ସାଳୟକୁ ପଠାଇଥିଲେ। ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅଛନ୍ତି। ଏକ ମାମଲା (ନଂ.୨୬/୨୬)ରୁଜୁ ହୋଇ ତଦନ୍ତ ଚାଲିଥିବା ଆଇଆଇସି ନାଏକ କହିଛନ୍ତି।

## ଅନ୍ଧବିଶ୍ୱାସ ନେଲା ନାବାଳକଙ୍କ ଜୀବନ

ଯୋଡ଼ା,୨୮।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବଳଦା ପଞ୍ଚାୟତ ତାଡ଼ପାଣି ବିଏନ୍‌ପିଟ ଗାଁରେ ଜଣେ ୧୩ ବର୍ଷର ନାବାଳକଙ୍କର ଅନ୍ଧବିଶ୍ୱାସ ପାଇଁ ଜୀବନ ଯାଇଛି। ପରିବାର ଲୋକେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରି ନ ଥିଲେ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଘରେ ରଖି ପୂଜାପାଠ କରିଥିଲେ। ଫଳରେ ନାବାଳକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି।

ସୂଚନା ଅନୁଯାୟୀ, ନାବାଳକଙ୍କ ୨ ସପ୍ତାହ ପୂର୍ବେ ଦେହ ଅସୁସ୍ଥ ହୋଇଥିଲା। ତାଙ୍କୁ ପରିବାର ଲୋକେ କାଳୀମାଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ଉତ୍ତମ ଚିକିତ୍ସା ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ନେବାକୁ ପରାମର୍ଶ ଦେଇଥିଲେ। ମାତ୍ର ପରିବାର ଲୋକେ ଡାକ୍ତରଖାନା ନ ନେଇ ଘରକୁ ଆଣି ପୂଜାପାଠ କରାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ବୁଧବାର କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ମୃତକଙ୍କ ବାପା କହିଛନ୍ତି, କାଳୀମାଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଚିକିତ୍ସା କରିବା ପରେ କୌଣସି ଚିଠା ଦେଇ ନ ଥିଲେ। ତେଣୁ ସେ ଚିକିତ୍ସା ପାଇଁ ଅନ୍ୟ ଡାକ୍ତରଖାନକୁ ନ ନେଇ ଗୁଣିଆ ଦ୍ୱାରା ପୂଜା କରାଇଥିଲେ। ବାମେବାରି ଥାନା ଅଧିକାରୀ ଯଶକେତନ ଭୋଇ କହିଛନ୍ତି, ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇନାହିଁ।

## ସାଧାରଣତନ୍ତ୍ର ଦିବସରେ ୨୦ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ବଞ୍ଚୋ,୨୮।୧(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କାଠକଟା ପଞ୍ଚାୟତ ଟାଙ୍ଗର ଗ୍ରାମ ମୁକ୍ତେଶ୍ୱର ମନ୍ଦିର ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ନିରଞ୍ଜନ ସାହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ବିଜୟ ସୁର ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଝୁନୁ ଖାଲିଆ, ସଞ୍ଜୟ ଦେହୁରୀ, ରାହାସ ନାଏକ, ଲୋଚନ ଭିତିରିଆ, ସୋରେନ ମହାନ୍ତ, ସୁକୁରୀ ସାହୁ, ସାବିତ୍ରୀ ସାହୁ, ଚମ୍ପାବତୀ ସାହୁ, ରାମଚନ୍ଦ୍ର ନାଥ, ବେଙ୍ଗ ନାଏକ, ଘନ ପଲେଇ, ମାଧବ ନାଏକ, ଧନେଶ୍ୱର ନାଏକ, ନାଥୁରାମ ନାଏକ, ସତ୍ୟ ସନାତନ ସାହୁ, ଅଭିଲିପ୍ସା ମହାନ୍ତ, ଗୃନ୍ଦ ମାଝୀ, ଭୁଗଳ କିଶୋର ନାଏକ, ଅଭିଲିପ୍ସା ସାହୁ ଓ ସାଇଲିପ୍ସା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ନିରଞ୍ଜନଙ୍କ ସାରଙ୍କ ଉଦ୍ୟମରେ ପ୍ରତିବର୍ଷ ସ୍ୱାଧନତା ଦିବସ, ସାଧାରଣତନ୍ତ୍ର ଦିବସରେ ଗ୍ରାମାଞ୍ଚଳର ପ୍ରତିଭାଙ୍କୁ ଚୟନ କରି ସମ୍ବର୍ଦ୍ଧିତ କରାଯାଉଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ହାଟଡ଼ିହୀ/ଛେନାପଦି, ,୨୮।୧
(ଶୁଭକାନ୍ତ ନାୟକ/ନିରାକାର ପରିଡ)




କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୁନ୍ଦରାପାଳଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୭ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଶର୍ମିଳା ରାଉତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥିଭାବେ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା, ସାମାଜିକକର୍ମୀ ଆଲୋକ ସେଠୀ, ହାଟଡ଼ିହୀ ବିଡିଓ ରଞ୍ଜନ ପରିଡ଼ା, ହଦଗଡ଼ ଜବାହର ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ଅଧୀର ନାୟକ, ସୋସୋ ଥାନା ଅଧିକାରିଣୀ କାନନ ସାହୁ, କବି ନାରାୟଣ ଲେଙ୍କା ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଲୁନା ଲିସା ସାମନ୍ତରାୟ, ବିଶ୍ୱରଞ୍ଜନ ମହାନ୍ତି, ବିନାୟକ ଧନୀ, ରମେଶ ଚନ୍ଦ୍ର ପରିଡ଼ା, ବିଭୁ ପ୍ରସାଦ ନାୟକ, ହରେକୃଷ୍ଣ ଜେନା, ରାକେଶ ମହାନ୍ତି, ଅଜୟ ସାହୁ, ଗୌରବ ନାୟକ, ଲକ୍ଷ୍ମୀଧର ବାନାରା, ସୁଇଟି ଦାସ, ରଶ୍ମିତା ସାହୁ, କୃଷ୍ଣପ୍ରିୟା ମଳିକ, ସ୍ୱରୂପ ମିଶ୍ର, ବିଶ୍ୱଜିତ ସାହୁ, ନଳିନ ସୁବୁଦ୍ଧି, ଶାନ୍ତନୁ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଗୋ ସେବା ପାଇଁ 'ନନ୍ଦୀ ଗୋସେବା' ସମ୍ମାନିତ




ଅତିଥିଙ୍କ ଗହଣରେ ନନ୍ଦୀ ଗୋସେବା ସଦସ୍ୟମାନେ।

ଯୋଡ଼ା,୨୮।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା, ବଡ଼ବିଲ, ବାମେବାରି, ବିଲେଇପଦା, ଜୁରୁଡ଼ି, ବିଛାକୁଣ୍ଡି ପ୍ରଭୃତି ସ୍ଥାନ ସମେତ ସୁନ୍ଦରଗଡ଼ ଜିଲା ସୀମାନ୍ତ ଏବଂ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟର ଆଖପାଖ ଅଞ୍ଚଳରେ ଗୋ ସେବା କ୍ଷେତ୍ରରେ 'ନନ୍ଦୀ ଗୋ ସେବା' ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ସେବା ଯୋଗାଇ ଜନ ପ୍ରିୟ ହୋଇ ପାରିଛି। ଦୁର୍ଘଟଣାରେ ଆହତ ଗୋରୁ ସେବା କରିବା, ଗୋଶାଳାକୁ ନେଇ ଉଚିତ ଚିକିତ୍ସା କରିବା ସଂଗଠନର ମୂଳ ଲକ୍ଷ୍ୟ ବୋଲି ସଂସ୍ଥାର ଉପସଭାପତି ଧନଞ୍ଜୟ ମହାନ୍ତି, ସମ୍ପାଦକ କିଶୋର ବାରିକ କହିଛନ୍ତି। ଝାଡ଼ଖଣ୍ଡ, ଯୋଡ଼ାର ସରକାରୀ ପ୍ରାଣୀ ଚିକିତ୍ସକ, ଭଣ୍ଡାରେ ଥିବା ଏକ ମାତ୍ର ପ୍ରାଣୀ ଅସ୍ତ୍ରୋପଚାର ବିଶେଷଜ୍ଞଙ୍କ ସାହାଯ୍ୟ ନେଇ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ସଦସ୍ୟ ଗୋ ସେବାରେ ସକ୍ରିୟ ଅଛନ୍ତି। ଯୋଡ଼ାରେ ଥିବା ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦତ୍ତ ଆର୍ଥିକ ସାହାଯ୍ୟ ନେଇ ଗୋ ସେବା ଖର୍ଚ୍ଚ ବହନ କରାଯାଉଥିବା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ସରକାରୀ ଜମି ପ୍ରଦାନ କରାଗଲେ ଗୋ ଶାଳା ନିର୍ମାଣ କରି ନନ୍ଦୀ ଗୋ ସେବା ଉନ୍ନତ ଧରଣର ସେବା ଯୋଗାଇ ଦେଇ ପାରିବେ ବୋଲି ସଦସ୍ୟ ସତ୍ୟଜିତ ଦାସ କହିଛନ୍ତି। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ନନ୍ଦୀ ଗୋ ସେବାକୁ ଚମ୍ପୁଆ ନେହେରୁ ଷ୍ଟାଡ଼ିୟମରେ ଆୟୋଜିତ ଉପଖଣ୍ଡସ୍ତରୀୟ ସାଧାରଣ ତନ୍ତ୍ର ଦିବସ ଅବସରରେ ମାନପତ୍ର ଓ ଉପଢୌକନ ଦେଇ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା ସମ୍ମାନିତ କରିଥିଲେ। ସମ୍ପାଦକ କିଶୋର ବାରିକଙ୍କ ସମେତ ସଦସ୍ୟ ରବିନ ହନହଗା, ସନ୍ତୋଷ ରାଉତ, ମନୋଜ ପାତ୍ର, ସୋନୁ ଶର୍ମା, ମନିଶ ବିହାରୀ, କୁନାଲ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ମୁଖ୍ୟାଳୟରେ ଓଡ଼ିଶା ବନ୍ଦ ପ୍ରଭାବ ଶୂନ୍ୟ

କେନ୍ଦୁଝର,୨୮।୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟାଳୟରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଧାନକିଣାରେ ଅବ୍ୟବସ୍ଥା, ପ୍ରଦୂଷଣ ସାର୍ଟିଫିକେଟ ଆଳରେ ମାତ୍ରାଧିକ ଜରିମାନା ଆଦାୟ, ବିଦ୍ୟୁତ ବିତରଣରୀ କମ୍ପାନୀର ମନମାନି ବିରୋଧରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ କେନ୍ଦୁଝରରେ ଅନୁପସ୍ଥିତ ରହିଥିବାରୁ ବନ୍ଦ ପ୍ରଭାବ ଶୂନ୍ୟ ରହିଥିଲା। କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ରହି ଦୋକାନ ବଜାର, ଶିକ୍ଷାନୁଷ୍ଠାନ ବନ୍ଦ କରିଥିଲେ। ସହରରେ ଗାଡ଼ି ଚଳାଚଳ ସ୍ୱାଭାବିକ ରହିଥିଲା। ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, କଂଗ୍ରେସ ସଦର ବ୍ଲକ୍ ସଭାପତି ଉତ୍ତମ ସାହୁଙ୍କ ସମେତ କେତେକ ନେତା ଓ କର୍ମୀ ଗାନ୍ଧୀ ଛକଠାରେ କିଛି ସମୟ ପ୍ରତିବାଦ କରିଥିଲେ। କଂଗ୍ରେସ ନେତାଙ୍କ କହିଛନ୍ତି, ଡାକରା ନବ ନିର୍ମାଣ କୃଷକ ସଂଗଠନ ଦେଇଛି। ସେମାନେ ପ୍ରଥମେ ରାସ୍ତାକୁ ଆସିବା କଥା। ଏ ନେଇ ସଂଗଠନର ରାଷ୍ଟ୍ରୀୟ ସଭାପତି ଅକ୍ଷୟ କୁମାରଙ୍କୁ ଜଣାଇ ଦିଆଯାଇଛି ବୋଲି ସଦର ବ୍ଲକ୍ ସଭାପତି ଉତ୍ତମ ସାହୁ କହିଛନ୍ତି। ସେହିପରି ସମର୍ଥନ କରୁଥିବା ବିଜେଡି ଦଳ, ବାମପନ୍ଥୀ ଦଳମଧ୍ୟ ସେଭଳି ବନ୍ଦ ଡାକରାରେ ସକ୍ରିୟ ଅଂଶଗ୍ରହଣ କରି ନ ଥିଲା। ଫଳରେ ବନ୍ଦ ପ୍ରଭାବ ଶୂନ୍ୟ ହୋଇଥିବା ଆଲୋଚନା ହେଉଛି।

### କୃଷକ ସଂଗଠନ ପକ୍ଷରୁ ରାଜପଥ ଅବରୋଧ




ପାଟଣା,୨୮।୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ନିହୁଆ ଛକ ନିକଟରେ ନବ ନିର୍ମାଣ କୃଷକ ସଂଗଠନର ନେତା ଓ କର୍ମକର୍ତ୍ତା ରାସ୍ତା ଅବରୋଧ କରି ଆନ୍ଦୋଳନ କରିଛନ୍ତି। ପିକେଟିଙ୍ଗି କରି ତୁରୁମୁଙ୍ଗା ବଜାର ବନ୍ଦ କରିଥିଲେ। ରାସ୍ତା ଅବରୋଧ ଯୋଗୁ ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ପାଟଣା ଓ ସାହାରପଡ଼ା ମୁଖ୍ୟାଳୟରେ ବଜାର ସ୍ୱାଭାବିକ ଥିବାବେଳେ ଘରୋଇ ବସ ଚଳାଚଳ ବନ୍ଦ ରହିଥିଲା। ବିଭିନ୍ନ ଦାବି ମଧ୍ୟରେ ଧାନ ମଣ୍ଡିରେ ୫ ରୁ ୭ କିଲୋ କଟ୍‌ନୀଛଟନୀ ବନ୍ଦ, ସ୍ମାର୍ଟ ମିଟର୍ ନାରେ ଟାଟା ପାୱାର୍ ସାଧାରଣ ଜନତାଙ୍କୁ କରୁଥିବା ଶୋଷଣ, ପ୍ରଦୂଷଣ ନାରେ ଜନତାଙ୍କୁ ୮ରୁ ୧୦ହଜାର ଟଙ୍କା ଫାଇନକୁ ବିରୋଧ କରାଯାଇଥିଲା। ନବ ନିର୍ମାଣ କୃଷକ ସଂଗଠନ ଜିଲା ସହ ସଂଯୋଜକ ଖଗେଶ୍ୱର ମହାନ୍ତ, ନବ ନିର୍ମାଣ କୃଷକ ସଂଗଠନ ମହିଳା ସଭାପତି ବିଳାସିନୀ ମହାନ୍ତ, ନବନିର୍ମାଣ କୃଷକ ସଂଗଠନ ପାଟଣା ବ୍ଲକ୍ ସଭାପତି ରାଜବଲ୍ଲଭ ମିଶ୍ର, କଂଗ୍ରେସର ବ୍ଲକ୍ ସଭାପତି ଗୋବିନ୍ଦ ମହାନ୍ତ, କଂଗ୍ରେସ ନେତା ବାଡ଼ିଆ ସାହୁ, ସୁବଳ ସାହୁ, ମାନସ ନାଏକ, ବ୍ରଜ ନାଏକ, ନବ ନିର୍ମାଣ କୃଷକ ସଂଗଠନର ରମାକାନ୍ତ ମହାନ୍ତ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଯୋଗଦେଇଥିଲେ।

## ଜୀବନଜ୍ୟୋତି କ୍ରିକେଟ ଟୁର୍ନାମେଣ୍ଟ
# ଫାଇନାଲରେ ସୋଲାପାରି ଟିମ୍

ଭଣ୍ଡାରିପୋଖରୀ,୨୮।୧(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମାଳଦା ପଞ୍ଚାୟତର ଚତୁର୍ଭୁଜପୁରଠାରେ ବୁଧବାର ଜୀବନଜ୍ୟୋତି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମଠସାହି ଓ କୋରକରା ଟିମ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା। ମଠସାହି ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ୍ ହରାଇ ୮୧ ରନ୍ କରିଥିଲା। କୋରକରା ୮ ଓଭରରେ ୭୪ ରନ୍‌ରେ ସମସ୍ତ ଉଇକେଟ୍ ହରାଇ ହାରିଥିଲା। ସୋଲାପାରି ଓ ନାଥସାହି ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ହୋଇଥିଲା। ସୋଲାପାରି ୬ ଉଇକେଟ୍‌ରେ ନାଥସାହିକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ମଠସାହି ଟସ୍ ଜିତି ୮ ଓଭରରେ ୬ ଉଇକେଟ୍ ହରାଇ ୪୨ ରନ୍ ସଂଗ୍ରହ କରିଥିଲା। ସୋଲାପାରି ୮ ଉଇକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ମାଳଦା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଭାଗିରଥୀ ପରିଡ଼ା ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ବିକାଶ ପରିଡ଼ା ଓ ଅବିନାଶ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ।

# ବୈଠକ ପରେ ବି ଚୂଡ଼ାନ୍ତ ହୋଇନି କଟ୍‌ନିଛଟ୍‌ନି



ବାହାବଳପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଧାନ ମଣ୍ଡି ଉଦ୍‌ଘାଟନ କରାଯାଉଛି।

### ବାହାବଳପୁର ପଞ୍ଚାୟତରେ ଖୋଲିଲା ମଣ୍ଡି
### ଧାନ ବିକିବା ଅପେକ୍ଷାରେ ୧ ହଜାରରୁ ଉର୍ଦ୍ଧ୍ୱ ଚାଷୀ

ତିହିଡ଼ି,୨୮।୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ବାମନବିନ୍ଧା ସମବାୟ ସମିତି ସହ ଟ୍ୟାଗ୍ ହୋଇଥିବା ବାହାବଳପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ଧାନ ମଣ୍ଡି ଖୋଲିଛି। ପଞ୍ଚାୟତରେ ମୋଟ ୫୫୦ଜଣଙ୍କ ସମେତ ସମିତି ଅଧୀନରେ ୧ ହଜାରରୁ ଉର୍ଦ୍ଧ୍ୱ ପଞ୍ଜୀକୃତ ଚାଷୀ ଧାନ ବିକିବାକୁ ଅପେକ୍ଷା କରି ରହିଛନ୍ତି। ସମିତିରେ ବୈଠକ ପରେ ବୈଠକ ବସିଥିଲେ ମଧ୍ୟ ଧାନର କଟ୍‌ନିଛଟ୍‌ନି ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନ ଥିବାରୁ ଏ ପ୍ରକାର ପରିସ୍ଥିତି ଉପୁଜିଥିବା ଜଣାପଡ଼ିଛି।

ପୂର୍ବରୁ ଏହି ପଞ୍ଚାୟତର ଚାଷୀମାନେ ବାମନବିନ୍ଧା ସମିତି ନିକଟକୁ ଧାନ ନେଇ ବିକ୍ରୟ କରୁଥିଲେ। ପଞ୍ଚାୟତଠାରୁ ସମିତି ୧୫ କି.ମି. ଦୂର ହୋଇଥିବାରୁ ଚାଷୀମାନଙ୍କୁ ପରିବହନଜନିତ ସମସ୍ୟା ଭୋଗିବାକୁ ପଡୁଥିଲା। ଗତ କିଛିବର୍ଷ ହେଲା ପଞ୍ଚାୟତକୁ ସମିତି ସହ ଟ୍ୟାଗ୍ କରାଯାଇ ପଞ୍ଚାୟତ କାର୍ଯ୍ୟାଳୟରେ ସମିତି ମାଧ୍ୟମରେ ଧାନ କିଣାଯାଉଛି। ତେବେ ବାମନବିନ୍ଧା ସମିତିରେ ଗତ ୫ ତାରିଖଠାରୁ ମଣ୍ଡି ଖୋଲାଯାଇଥିଲେ ମଧ୍ୟ ଅଦ୍ୟାବଧି ଧାନ ସଂଗ୍ରହ ନ ହେବା ପରିତାପର ବିଷୟ ହୋଇଛି। ମଙ୍ଗଳବାର ଏନେଇ ବୈଠକ ବସିଥିଲେ ମଧ୍ୟ କୌଣସି ନିଷ୍କର୍ଷ ନ ବାହାରିବାରୁ ଗୁରୁବାର ପୁଣି ବୈଠକ ବସିବାକୁ ସ୍ଥିର ହୋଇଛି। ତେବେ କଟ୍‌ନଛଟ୍‌ନି ଠିକ୍ ନ ହେଲେ ଚାଷୀମାନେ ରାସ୍ତାରେ ଧାନ ବସ୍ତା ରଖି ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବାହାବଳପୁର ପଞ୍ଚାୟତ କାର୍ଯ୍ୟାଳୟରେ ମଣ୍ଡି ଉଦ୍‌ଘାଟନ ସମୟରେ ସଭାପତି ରାଜେନ୍ଦ୍ର କୁମାର ଦାସ, ସମ୍ପାଦକ ପ୍ରଭାତ କୁମାର ବେହେରା, ସରପଞ୍ଚ ଲକ୍ଷ୍ମୀପ୍ରିୟା ସାମଲ, ପୂର୍ବତନ ସରପଞ୍ଚ ବିପିନ ବେହେରାଙ୍କ ସହ ବସନ୍ତ କୁମାର ବେହେରା, ହିମାଂଶୁ କୁମାର ମହାନ୍ତି, ଅମର ବାରିକ, ନନ୍ଦକିଶୋର ବାରିକ, ଉମାକାନ୍ତ ମଲ୍ଲିକ, ପ୍ରଦୀପ୍ତ ଦାସ, ଗୋପବନ୍ଧୁ ମାଝୀ, ମୂରଲୀ ମାଝୀ, କୈଳାସ ଦାସ, ବସନ୍ତ ପଣ୍ଡା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

# ଭଦ୍ରକରେ ବନ୍ଦର ପ୍ରଭାବ


ଜାତୀୟ ରାଜପଥର ଗେଲପୁରଠାରେ ରାସ୍ତାରୋକୋ କରାଯାଇଛି।

ଭଦ୍ରକ,୨୮।୧(ସନାତନ ରାଉତ)

ଖରିଫ ଧାନ କିଣାରେ ବିଳମ୍ବ ଓ ବିଭିନ୍ନ ଅନିୟମିତତା ପ୍ରତିବାଦରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଭଦ୍ରକରେ ୧୬ ନଂ. ଜାତୀୟ ରାଜପଥର ଗେଲପୁରଠାରେ ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା ଓ କଂଗ୍ରେସ କର୍ମୀମାନେ ରାସ୍ତାରୋକୋ କରିଥିଲେ। ଫଳରେ ଜାତୀୟ ରାଜପଥରେ ଶତାଧିକ ଗାଡ଼ି ଅଟକି ରହିଥିଲା। ସହରରେ ପିକେଟିଂ କରି ଦୋକାନ ବଜାର ବନ୍ଦ କରାଯାଇଥିଲା। ଧାନର ଅଭାବୀ ବିକ୍ରି ସହ ସ୍ମାର୍ଟ ମିଟର ଲଗାଇ ଉପଭୋକ୍ତାଙ୍କୁ ଶୋଷଣ କରିବା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ନାମ ବଦଳାଇବାକୁ ବିରୋଧ କରି ଜିଲାପାଳଙ୍କ କାର୍ଯ୍ୟାଳୟ ଓ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଆଗରେ ମଧ୍ୟ ଧାରଣା ଦିଆଯାଇଥିଲା। ଏଫ୍‌ଏକ୍ୟୁ ଆଳରେ ଚାଷୀମାନଙ୍କୁ ଶୋଷଣ, ଧାନକିଣାରେ ଅହେତୁକ ବିଳମ୍ବ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନାମକୁ ବିକୃତୀକରଣ ସହ ସ୍ମାର୍ଟ ମିଟର ଲଗାଇ ଉପଭୋକ୍ତାଙ୍କୁ ଶୋଷଣ କରାଯାଉଛି। ଉପଭୋକ୍ତାଙ୍କର ବିଲ୍ ବାକି ରହିଲେ ଜବରଦସ୍ତ ଲାଇନ୍ କଟାଯାଉଥିବା ବେଳେ ବଡ଼ ବଡ଼ କମ୍ପାନୀକୁ ବିଜୁଳି ବିଲ୍ ଛାଡ଼ କରିଦିଆଯାଉଥିବା ଜିଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି କହିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଜିଲା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ବେଳକୁ ରାସ୍ତାରୋକୋ ହଟିଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଭାପତି ତ୍ରିଲୋଚନ ପଣ୍ଡା, ସବୀର ଖାଁ, କୃଷକ ନେତା ଚନ୍ଦ୍ରଶେଖର ନାୟକ, କଂଗ୍ରେସ ନେତା ରାଜେନ୍ଦ୍ର ପ୍ରସାଦ ଜେନା, ଦେବରୂପ ମହାନ୍ତି, ଅବଦୁଲ ମୋକିତ ଖାଁ, ପୀତବାସ ଧଳ, ବିଜୟ ବାରିକ, ବଳରାମ ରାଉତ, ଇଲିୟାସ ଖାଁ, ରୁକ୍‌ସାନା ଖାତୁନ, ସାହିଲ କାଦ୍ରୀ, ଅମିତାବାଲା ଆଚାର୍ଯ୍ୟ, ଶର୍ମିଷ୍ଠା ପଣ୍ଡାଙ୍କ ସମେତ କଂଗ୍ରେସ କର୍ମୀମାନେ ଏଥିରେ ସାମିଲ ଥିଲେ।

**ତିହିଡ଼ି/ବାସୁଦେବପୁର, (ସଞ୍ଜିତ ବଳ/ ନାରାୟଣ ପ୍ରସାଦ ବାରିକ୍):** ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ କଂଗ୍ରେସ, ଓଡ଼ିଶା କୃଷକ ସଭା ଏବଂ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବନ୍ଦ ପାଳନ କରାଯାଇଛି। ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ବିଭିନ୍ନ ସ୍ଥାନରେ ଅବରୋଧ କରାଯାଇଥିଲା। ତିହିଡ଼ି ବଜାରରେ କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ସରୋଜ କୁମାର ଦାସ, ନରହରି ନାୟକ, ଗଣେଶ ମଲ୍ଲିକ, ଶିବ ପ୍ରସାଦ ନାୟକ, ତ୍ରିଲୋଚନ ମହାଲିକ, ବିଜୟ ନାୟକ, ସୁରେଶ ମହାପାତ୍ର, ବିକ୍ରମ ଜେନା, ଓଡ଼ିଶା କୃଷକ ସଭା ପକ୍ଷରୁ ସଭାପତି ଭାଗବତ ସେନାପତି, ସମ୍ପାଦକ ବିଷ୍ଣୁ ଚରଣ ଦାଶ, ବରିଷ୍ଠ ନେତା ପ୍ରଫୁଲ୍ଲ ପାଢ଼ୀ ପ୍ରମୁଖ ବନ୍ଦର ନେତୃତ୍ୱ ନେଇଥିଲେ। ସେହିପରି ବାସୁଦେବପୁରରେ ବନ୍ଦ ପାଳନ କରାଯାଇଥିଲା। ବିଧାୟକ ଅଶୋକ ଦାସଙ୍କ ନେତୃତ୍ୱରେ ନଗର କଂଗ୍ରେସ ସଭାପତି ଭକ୍ତରଞ୍ଜନ ପଟ୍ଟନାୟକଙ୍କ ସମେତ କଂଗ୍ରେସ କର୍ମୀମାନେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିବା ସହ ଗାଡ଼ି ଚଳାଚଳ ବନ୍ଦ କରିଥିଲେ।

**ଧାମନଗର,(ଦେବେନ୍ଦ୍ର ଆଦ୍ଧିଆ):** ଧାମନଗର ବ୍ଲକରେ ବନ୍ଦର ଆଂଶିକ ପ୍ରଭାବ ପକାଇଛି। ନବନିର୍ମାଣ କୃଷକ ସଂଗଠନର ବନ୍ଦ ଡାକରାକୁ କଂଗ୍ରେସ ସମର୍ଥନ ଜଣାଇ ଥିବାରୁ ଦଳୀୟ କର୍ମୀମାନେ ଏଥିରେ ସାମିଲ ହୋଇଥିଲେ। ସମସ୍ତ ଦୋକାନ ବଜାର, ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ ଖୋଲା ରହିଥିବା ବେଳେ ଦୁଇ ଚକିଆ ଯାନ ସ୍ୱାଭାବିକ ଭାବେ ଚଳାଚଳ କରିଥିଲା। କେବଳ ବସ୍ ଚଳାଚଳ ବନ୍ଦ ରହିଥିଲା। ନବନିର୍ମାଣ କୃଷକ ସଂଗଠନର କର୍ମୀମାନେ ଉପସ୍ଥିତ ଥିବାବେଳେ କଂଗ୍ରେସ ନେତା ସଞ୍ଜୟ କୁମାର ମିଶ୍ର, ମାନସ ରଞ୍ଜନ ମହାପାତ୍ର, ଚିନ୍ତାମଣି ବାରିକ, ସେକ ମାମା, ସାହା ଆଲାମ, ଶ୍ରୀଧର ମହାଲିକ ପ୍ରମୁଖ ବହୁ କର୍ମୀ ଯୋଗ ଦେଇଥିଲେ।

# ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବାସୁଦେବପୁର,୨୮।୧
(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ପୌରାଞ୍ଚଳ ଅଧୀନ ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସ ଓ ପ୍ରତିଷ୍ଠାତା ସ୍ୱର୍ଗତ ବାଇଧର ପାଢ଼ୀଙ୍କ ୧୮ତମ ଶ୍ରାଦ୍ଧଦିବସ ବୁଧବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଆରତି ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଓ ମୁଖ୍ୟବକ୍ତା ଭାବେ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ଅଦମ୍ୟ ଇଚ୍ଛାଶକ୍ତି ଓ ଅଞ୍ଚଳବାସୀଙ୍କ ସହଯୋଗରେ ଏହା ଜିଲାର ଏକ ଅଗ୍ରଣୀ ମହିଳା ଶିକ୍ଷାନୁଷ୍ଠାନ ଭାବେ ମାନ୍ୟତା ପାଇଥିବା ଅତିଥିମାନେ କହିଥିଲେ। କାର୍ଯ୍ୟାଳୟ ସହାୟକ ଗୋପାଳ ଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟକ୍ଷା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଓମ୍‌ପ୍ରକାଶ କର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କଲେଜର ମୁଖପତ୍ର 'ସତ୍ୟଭାମା' ଉନ୍ମୋଚିତ ହୋଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଡେମୋନଷ୍ଟ୍ରେଟର ରଶ୍ମିରଞ୍ଜନ ପାଣିଗ୍ରାହୀ ପ୍ରତିଷ୍ଠାତା ସ୍ୱର୍ଗତ ପାଢ଼ୀଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ଅଧ୍ୟାପିକା ରଶ୍ମି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କବି ଶିଶିର ନାୟକଙ୍କୁ 'ଲାଲମୋହନ ନାୟକ ସ୍ମାରକୀ ସମ୍ମାନ'

ଭଦ୍ରକ,୨୮।୧(ସନାତନ ରାଉତ)

ମା' କେବଳ ଏକ ଶବ୍ଦ ନୁହେଁ, ସେ ହେଉଛନ୍ତି ସକଳ ସୃଷ୍ଟିର ଆଦ୍ୟ ସ୍ପନ୍ଦନ। ଓଡ଼ିଆ ସାହିତ୍ୟରେ ମାତୃତ୍ୱର ଯେଉଁ ଚିତ୍ର ରହିଛି, ତାହା ବିଶ୍ୱ ସାହିତ୍ୟରେ ବିରଳ ବୋଲି ସ୍ୱର୍ଗତ ମନୋରମା ନାୟକଙ୍କ ଦ୍ୱାଦଶ ବାର୍ଷିକ ସ୍ମୃତି ଉତ୍ସବରେ ମୁଖ୍ୟବକ୍ତା ପ୍ରାଧ୍ୟାପକ ଦାମୋଦର ବେହେରା ମତବ୍ୟକ୍ତ କରିଥିଲେ। ଭଦ୍ରକ ସହର ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ଉତ୍ସବରେ କବି ଶିଶିର ନାୟକଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ 'ଶିକ୍ଷାବିତ୍ ଲାଲମୋହନ ନାୟକ ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ସଂସଦର ଆବାହକ ଅଜୟ ନାୟକଙ୍କ ଆବାହକତ୍ୱ ଓ ସ୍ମୃତି ସଂସଦ ସଭାପତି ଡ. ରାଧାବିନୋଦ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସଞ୍ଚାଳନ କରିଥିଲେ। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରେଣ୍ୟ ଅତିଥି ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ମା'ଙ୍କ ସଂସ୍କାର ଓ ସାଂସ୍କୃତିକ ଚେତନା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ରାମନାରାୟଣ ମହାନ୍ତି ଏକ ଭାବପୂର୍ଣ୍ଣ ମାତୃ ସଙ୍ଗୀତ ଗାନ କରିଥିଲେ। ମନୋରମାଙ୍କ ଝିଅ ସୁଲେଖିକା ସ୍ନେହଲତା ନାୟକ ମାନପତ୍ର ପାଠ କରିଥିଲେ। ଅଧିବକ୍ତା ଗଦାଧର ବଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ସ୍ମୃତି ସଂସଦ ସମ୍ପାଦକ ଡ. ଅଭୟ କୁମାର ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସମାରୋହରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ବାଣୀକଲ୍ୟାଣ ମହାନ୍ତି, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, କବି ହୃଦାନନ୍ଦ ପାଣିଗ୍ରାହୀ, ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ, ଡା. ରବୀନ୍ଦ୍ର କୁମାର ନାୟକ, ଇଂ. ଅଖିଳ କୁମାର ପାଢ଼ୀ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ଅମ୍ବିକା ବଲ୍ଲଭ ଦାସ, ଶିକ୍ଷାବିତ୍ ଶାନ୍ତନୁ ରାଉତ, ସୁଧାକର ରାଉତ, ଭଗବାନ ନାୟକ, ରୂପକ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଅଶୋକ ଦ୍ୱିବେଦୀ, ଶିବପ୍ରସାଦ ସତ୍ୟାନନ୍ଦ, ଗୌରାଙ୍ଗ ବାରିକ ଓ ଦେବେନ୍ଦ୍ରନାଥ ମହାଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ମନୋରମାଙ୍କ ସାନଝିଅ ତଥା ତିହିଡ଼ି ବ୍ଲକର ପୂର୍ବତନ ଚେୟାରମ୍ୟାନ ସୁଶ୍ରୀ ବିଦ୍ୟୁତଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ମୃତି ଉତ୍ସବରେ କବି ଶିଶିର ନାୟକଙ୍କୁ ସମ୍ମାନିତ କରାଯାଉଛି।

# ହିନ୍ଦୁ ସମ୍ମିଳନୀ: ୫୦୮ କଳସ ଶୋଭାଯାତ୍ରା

ଆଗରପଡ଼ା,୨୮।୧(ସୁଶାନ୍ତ ଦାସ)

ଆଗରପଡ଼ା ଥାନା ଅଧୀନ ରାମଗଡ଼ପଦାଠାରେ ବୁଧବାର ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ୮ ପଞ୍ଚାୟତରୁ ୨୫୦୦ରୁ ଉର୍ଦ୍ଧ୍ୱ ଲୋକ ଏଥିରେ ଯୋଗ ଦେଇଥିଲେ। ସ୍ଥାନୀୟ ଚଣ୍ଡୀ ପୋଖରୀରୁ ୫୦୮ କଳସ ଶୋଭାଯାତ୍ରା ବାହାରି ରାମଗଡ଼ପଦା ପଡ଼ିଆରେ ପହଞ୍ଚିବା ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞ କାର୍ଯ୍ୟରେ ଚିନ୍ତାମଣି ପଣ୍ଡା ପୌରୋହିତ୍ୟ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଭୋଳାନାଥ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଳଣା ରାମକୃଷ୍ଣ ମିଶନର ମଠାଧୀଶ ଅକ୍ଷରାନନ୍ଦ ଜୀ ମହାରାଜ ମୁଖ୍ୟ ଅତିଥି ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତ ସହ ବୌଦ୍ଧିକ ପ୍ରମୁଖ ବିଶ୍ୱମ୍ଭର ପାଣି ମୁଖ୍ୟବକ୍ତା ଭାବେ ଯୋଗଦେଇ ହିନ୍ଦୁ ସମାଜର ସାମ୍ପ୍ରତିକ ସମସ୍ୟା ଏବଂ ତାହାର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ହରିହର ପାଣିଗ୍ରାହୀ, ବନ୍ତ ଖଣ୍ଡ ସଂଯୋଜକ ପ୍ରଦୀପ କୁମାର ପୁହାଣ, ଆର୍‌ଏସ୍‌ଏସ୍ ବନ୍ତ ଖଣ୍ଡ କାର୍ଯ୍ୟବାହ ସୁବାସ ସାହୁ ଏବଂ ବ୍ୟବସ୍ଥା ପ୍ରମୁଖ ରାମଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ। ଭଦ୍ରକ ଶ୍ରୀରାମ ନବମୀ କମିଟି ସଂଯୋଜକ ଗୋବିନ୍ଦ ରାଉତ ଯୋଗ ଦେଇଥିଲେ। କିରଣମୟ ବେହେରା, ବାବୁରାମ ବେହେରା, କମଳାକାନ୍ତ ସିଂହ, ମହେଶ୍ୱର ସାହୁ, ହରିହର ନାୟକ, ସୌମ୍ୟରଞ୍ଜନ ପଣ୍ଡା, ଶରତ ପଣ୍ଡା, ବନିତା ପଣ୍ଡା, ଅଶୋକ ପରିଡ଼ା, ପ୍ରଦୀପ ମାଝୀ, କମଳାକାନ୍ତ ଜେନା, ଜଗନ୍ନାଥ ସାହୁ, ପବିତ୍ର ମୋହନ ସାହୁ, ଗାୟତ୍ରୀ ବଳ, ସଞ୍ଜୟ ସିଂହ, ମମତାରାଣୀ ମିଶ୍ର, ଶୁଭଲକ୍ଷ୍ମୀ ସିଂହ, ଲିପିକା ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

# 'ଇଚ୍ଛାଶକ୍ତି ଥିଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବ'

ବନ୍ତ,୨୮।୧(ହରିନାରାୟଣ ମହାନ୍ତି)

ଇଚ୍ଛାଶକ୍ତି ଥିଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବ ବୋଲି ବୁଧବାର ବନ୍ତ ବ୍ଲକର ପଧାନପଡାସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୨୨ତମ ବାର୍ଷିକୋତ୍ସବରେ ଅତିଥିମାନେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା ସେକ୍ ଜଲାଲଉଦ୍ଦୀନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ମୁଖ୍ୟବକ୍ତା ଭାବେ କେନ୍ଦୁଝର ଜିଲା ଜଘିରାସ୍ଥିତ ମହାପାଟ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ତଥା ନାଟ୍ୟକାର ଡ.ସୁଧାଂଶୁ ଶେଖର ନାୟକ, ବିଆର୍‌ସିସି ହରେକୃଷ୍ଣ ଆପଟ୍ଟ, ଓଷ୍ଟାର ଜିଲା ସଭାପତି ଶଶୀଶେଖର କରଶର୍ମା, ସରପଞ୍ଚ ଗଜେନ୍ଦ୍ର କୁମାର ସେଠୀ, ସମିତିସଭ୍ୟା ସବିହା ଖାତୁନ୍, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ସେକ୍ ୟାକତ୍ ଅଲ୍ଲୀ, ବନବିହାରୀ ସରକାରୀ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ପୃଷ୍ଟି, ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର କୁମାର ସାହୁ, ନାରାୟଣ ଚନ୍ଦ୍ର ସାମଲ, ହୃଷୀକେଶ ପୃଷ୍ଟି ଓ ସାମାଜିକ କର୍ମୀ ସ୍ମୃତିରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। ଶାଳବଣୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ନରହରି ଜେନା ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ଶେଖର ମହାନ୍ତି ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ହେମନ୍ତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ମୁଖପତ୍ର 'ଭିନ୍ନ ବାତାୟନ' ଉନ୍ମୋଚିତ ହୋଇଥିଲା। ପରେ ବିଭିନ୍ନ ପ୍ରତିଭାଧାରୀ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ ଓ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଅରୁଣ ବାରିକ, ଜାହାରୁଦ୍ଦୀନ ସାହାଜୀ, ପ୍ରଫୁଲ୍ଲ କୁମାର ଜେନା, ଜଗନ୍ନାଥ ଦ୍ୱିବେଦୀ, ସେକ୍ ସାବୀର, ସେକ୍ ରିହାଜ୍ ଅଲ୍ଲୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଧାନକ୍ରୟ ପ୍ରକ୍ରିୟା ସମୀକ୍ଷାକଲେ ଜିଲାପାଳ

ଚାନ୍ଦବାଲି,୨୮।୧(କିଷାନ ପାତ୍ର)

ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ବୁଧବାର ଅପରାହ୍ନରେ ଚାନ୍ଦବାଲି ବ୍ଲକର ମତୋ ଓ ଭାଟପଡ଼ା ସମବାୟ ସମିତି ପରିଦର୍ଶନ କରି ଧାନ କ୍ରୟ ପ୍ରକ୍ରିୟା ସମୀକ୍ଷା କରିଛନ୍ତି। ଟୋକନ ବ୍ୟବସ୍ଥା, ମାପଯନ୍ତ୍ର ଓ ଧାନ ରଖିବା ବ୍ୟବସ୍ଥା ବିଷୟରେ ଜିଲାପାଳ ବୁଝିବା ସହ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ଧାନକ୍ରୟରେ ସ୍ୱଚ୍ଛତା ରଖିବା ପାଇଁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ଏହି ପରିଦର୍ଶନ ପରେ ଧାନକିଣା ପ୍ରକ୍ରିୟା ସ୍ୱାଭାବିକ ହେବ ବୋଲି ଚାଷୀମାନେ ଆଶାବ୍ୟକ୍ତ କରିଛନ୍ତି।

# ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ


ସମାରୋହରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

ଚାନ୍ଦବାଲି,୨୮।୧(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ସିଙ୍ଗିଟି ଗ୍ରାମସ୍ଥିତ ମଦନ ମୋହନ ଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଉପେନ୍ଦ୍ର କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହକୁ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିକ୍ଷାଦାନରେ ଶିକ୍ଷକମାନଙ୍କ ଅବଦାନ ଓ ପୂର୍ବତନ ଛାତ୍ରୀଛାତ୍ରଙ୍କ ସଫଳତା ବିଷୟରେ ସେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଶିକ୍ଷା ମାଧ୍ୟମରେ ସମାଜ ଗଠନରେ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ଉତ୍କୁଡ଼ା ସରପଞ୍ଚ ସ୍ୱର୍ଣ୍ଣଲତା ପୁହାଣ ଓ ଆବାହକ ତଥା ସୁବର୍ଣ୍ଣ ଜୟନ୍ତୀ କମିଟିର ସମ୍ପାଦକ ପ୍ରଧାନଶିକ୍ଷକ ସରୋଜ କୁମାର ମହଲା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଉପେନ୍ଦ୍ର ରାଉଳ, ଜୋନ୍ ସଭାପତି ମିତ୍ରଭାନୁ ଦାସ, ବରିଷ୍ଠ ନେତା କାହ୍ନୁ ବେହେରା, ଜଗନ୍ନାଥ ରାଉତ, ସନାତନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୁଶାନ୍ତ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବଂଶୀଧର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟି ସଦସ୍ୟ ଅଶୋକ ରାଉଳ, ଅଭୟ ବଳ, ଭାରତୀ ବିଶ୍ୱାଳ, ନକୁଳ କୁମାର ମଲ୍ଲିକ, ସୁବ୍ରତ କୁମାର ପରିଡ଼ା, ମହେଶ୍ୱର ବଳ, ସୁଶାନ୍ତ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ହିନ୍ଦୁତ୍ୱ, ରାଷ୍ଟ୍ରବାଦ ଆମର ନିଃଶ୍ୱାସ ଓ ବିଶ୍ୱାସ: ପୁଷ୍ପେନ୍ଦ୍ର କୁଳଶ୍ରେଷ୍ଠ

ଭଦ୍ରକ,୨୮।୧(ସନାତନ ରାଉତ)

ଭଦ୍ରକର ଶହୀଦ ସ୍ମୃତି ଭବନରେ ବୁଧବାର ସନ୍ଧ୍ୟା ୬ଟା ୩୦ରେ 'ଭାରତ ପାଇଁ ପଦୁଟିଏ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସଂସ୍କୃତି ଗବେଷକ ପୁଷ୍ପେନ୍ଦ୍ର କୁଳଶ୍ରେଷ୍ଠ ଏଥିରେ ଯୋଗଦେଇ ରାଷ୍ଟ୍ରୀୟ ଚେତନାର ଭାବନା ରହିବା ସହ ଦେଶର ସୁରକ୍ଷା, ରାଷ୍ଟ୍ରର ଅଖଣ୍ଡତା ପାଇଁ ଆମେ ସଂକଳ୍ପ ନେବା ଆବଶ୍ୟକ ବୋଲି କହିଥିଲେ। ହିନ୍ଦୁତ୍ୱ, ରାଷ୍ଟ୍ରବାଦ ଆମର ନିଃଶ୍ୱାସ ଓ ବିଶ୍ୱାସ ହେବା ଉଚିତ୍ ବୋଲି ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କୁଳଶ୍ରେଷ୍ଠଙ୍କୁ ସ୍ୱାଗତ କରିବା ସହ ବକ୍ତବ୍ୟ ରଖିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବିଭିନ୍ନ ହିନ୍ଦୁ ସଙ୍ଗଠନର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ସରମରାରେ ଜମୁଛି ସରସ୍ୱତୀ ପୂଜା

### ୪ ମଣ୍ଡପରେ ପୂଜା ପାଉଛନ୍ତି ମା'

ଭଦ୍ରକ/ ବନ୍ତ,୨୮।୧
(ସନାତନ ରାଉତ/ ହରିନାରାୟଣ ମହାନ୍ତ)

ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତର ସରମରା ଗ୍ରାମରେ ସରସ୍ୱତୀ ପୂଜା ଜମୁଛି। ୪ ମଣ୍ଡପରେ ମା'ଙ୍କ ପୂଜା ଚାଲିଛି। ଗତ ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ପୂଜା ୭ଦିନ ଧରି ଚାଲିବ। ପୂର୍ବରୁ ଗାଁର ଗୋଟିଏ ଜାଗାରେ ପୂଜା ଆୟୋଜନ ହେଉଥିବା ବେଳେ ୧୯୮୯ଠାରୁ ୪ ମଣ୍ଡପରେ ପୂଜା କରାଯାଉଛି। ଗ୍ରାମର ଉତ୍ତର ଦିଗରେ ୟୁନାଇଟେଡ୍ କ୍ଲବ୍, ଦକ୍ଷିଣରେ ଜୟକିଷାନ କ୍ଲବ୍, ଗାଁ ମଝିରେ ସରସ୍ୱତୀ ୟୁଥ୍ ଆସୋସିଏଶନ ଓ ଆସମିଶ କ୍ଲବ୍ ପକ୍ଷରୁ ପୂଜା ଚାଲିଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ସାମାଜିକ ଓ ପୌରାଣିକ କଥାବସ୍ତୁକୁ ନେଇ ଆକର୍ଷଣୀୟ ପାର୍ଶ୍ୱମୂର୍ତ୍ତି, ସୁଉଚ୍ଚ ତୋରଣ ଓ ରଙ୍ଗିନ ଆଲୋକସଜ୍ଜାରେ ଝଲସୁଛି ଗାଁର ପରିବେଶ। ପ୍ରତ୍ୟେହ ସନ୍ଧ୍ୟାରେ ଭଦ୍ରକ ଜିଲା ସମେତ ପଡ଼ୋଶୀ କେନ୍ଦୁଝର ଓ ବାଲେଶ୍ୱର ଜିଲାରୁ ବହୁ ଲୋକଙ୍କ ଭିଡ଼ ଜମୁଛି। ମୀନାବଜାର, ଦୋଳି ସହ ମେଳାର ମଜା ନେଉଛନ୍ତି ଲୋକେ। ବ୍ୟବସାୟୀମାନେ ପସରା ମେଲାଇଛନ୍ତି। ପ୍ରତି ସନ୍ଧ୍ୟାରେ ମେଲୋଡ଼ି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବନ୍ତ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଛି। ୟୁନାଇଟେଡ୍ କ୍ଲବ୍ ପକ୍ଷରୁ ସଭାପତି ଛବୀନ୍ଦ୍ର ବିଶ୍ୱାଳ, ସମ୍ପାଦକ ରଙ୍ଗାଧର ନାୟକ, ପ୍ରିୟବ୍ରତ ରାଉତ, କୀର୍ତ୍ତିଶଙ୍କର ମହାନ୍ତି, ରାଜେଶ ବିଶ୍ୱାଳ, ନରେଶ ଜେନା, ରାଜେଶ ଜେନା, ନିରଞ୍ଜନ ଜେନା, ତପନ ଜେନା, ଆକାଶ ଜେନା, ଶେଖର ଜେନା, ପ୍ରଭାତ ବିଶ୍ୱାଳ ପ୍ରମୁଖ ଦାୟିତ୍ୱ ନେଇଛନ୍ତି। ଜୟକିଷାନ କ୍ଲବ୍ ପକ୍ଷରୁ ସଭାପତି କୈଳାସ ପୁହାଣ, ସମ୍ପାଦକ ନିତ୍ୟାନନ୍ଦ ସାମଲ, କୋଷାଧ୍ୟକ୍ଷ ସୁଧାକର ପୁହାଣ, ନିରାକାର ଜେନା, ଦେବାନନ୍ଦ ମହାପାତ୍ର, ଶରତ ବିଶ୍ୱାଳ ପ୍ରମୁଖ ପୂଜା ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଆସମିଶ କ୍ଲବ୍‌ର ସଭାପତି ପ୍ରଶାନ୍ତ ଦାସ, ସମ୍ପାଦକ ପ୍ରିୟବ୍ରତ ଦାସ, ଚିନ୍ମୟ ଦାସ, ଶ୍ରୀକାନ୍ତ ଜେନା, ୟୁଥ୍ ଆସୋସିଏଶନର ସଭାପତି ବିଷ୍ଣୁଚରଣ ବିଶ୍ୱାଳ, ସମ୍ପାଦକ ନିରଞ୍ଜନ ବିଶ୍ୱାଳ, ସୁନୀଲ ନାଥ, ଆରତ ବିଶ୍ୱାଳ, ଦୀପକ ବିଶ୍ୱାଳ ପ୍ରମୁଖ ଦାୟିତ୍ୱ ନେଇଛନ୍ତି।


ଆସମିଶ କ୍ଲବ୍ ମଣ୍ଡପ।


ଜୟକିଷାନ ପୂଜା ମଣ୍ଡପ।


ସରସ୍ୱତୀ ୟୁଥ୍ ଆସୋସିଏଶନ ପୂଜା ମଣ୍ଡପ।


ୟୁନାଇଟେଡ୍ କ୍ଲବ୍ ତୋରଣ।

**ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର**

ଝାରପୋଖରିଆ, (ସୁଧୀର କୁମାର ମହାନ୍ତ): ଝାରପୋଖରିଆସ୍ଥିତ ସୀମାନ୍ତ ମହାବିଦ୍ୟାଳୟ +୩ ବିଭାଗ ର ପ୍ରଥମ ବାର୍ଷିକ ୨୮୭ ଜଣ ଛାତ୍ରୀଙ୍କୁ ନେଇ ୮ ଦିନିଆ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମହାବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରହ୍ଲାଦ ଅଗସ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିର ପ୍ରୋଗ୍ରାମ ଅଫିସର ଅଧାପିକା ସପ୍ନେଶ୍ୱରୀ ମୁର୍ମୁ ଓ ସୁପର୍ଣ୍ଣା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଉଛି। ପ୍ରଶିକ୍ଷିକା ସୁରେଖା ପ୍ରଧାନ, ଯଶୋଦା ମଣି ସିଂ, ସୁଭସ୍ମିତା ନାଥ ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି। ଏହି ଶିବିର ଆସନ୍ତା ୪ ତାରିଖରେ ସମାପନ ହେବ ବୋଲି ସୂଚନା ମିଳିଛି।

# ଉତ୍କଟ ହେଉଛି ଦାଦନ ସମସ୍ୟା

ବାରିପଦା,୨୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଭଞ୍ଜସେନା ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପ୍ରାକୃତିକ ସମ୍ପଦରେ ଭରପୂର ମୟୂରଭଞ୍ଜ ଜିଲାରେ ଏବେ ଦାଦନ ସମସ୍ୟା ମୁଣ୍ଡ ଟେକିଛି। ବନ୍ୟଜାତ ଦ୍ରବ୍ୟଠାରୁ ଆରମ୍ଭ କରି କୁଟୀର ଶିଳ୍ପ, ହସ୍ତଶିଳ୍ପ ଓ କାରିଗରୀ ଶିଳ୍ପର ଚାହିଦା ଥିଲେ ମଧ୍ୟ ସୁପରିଚାଳାନା ଅଭାବରୁ ଆଦିବାସୀ ଅଧ୍ୟୁଷିତ ଏହି ଜିଲାରେ ଦାଦନ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏ ନେଇ ଛାତ୍ର ସଙ୍ଗଠନ ଭଞ୍ଜସେନା ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକଙ୍କ ଜରିଆରେ ପ୍ରଦାନ କରାଯାଇଛି। ରୋଜଗାର ସୃଷ୍ଟି ସହ ବନଜାତ ଦ୍ରବ୍ୟର ସୁପରିଚାଳନା ଓ କେନ୍ଦ୍ର ସରକାରଙ୍କ ଦର୍ଶନ-୨ ଯୋଜନାରେ ଶିମିଳିପାଳକୁ ସାମିଲ କରି ପର୍ଯ୍ୟଟନସ୍ଥଳୀର ବିକାଶ କରାଗଲେ ଦାଦନ କଷ୍ଟ ଦୂର ହେବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ, ଜିଲାରେ ବେରୋଜଗାରୀ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଜିଲାବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯାଇପାରୁ ନାହିଁ। କାମଧନ୍ଦାର ସୁଯୋଗ ସୃଷ୍ଟି କରାଯାଉ ନ ଥିବାରୁ ଭରଣପୋଷଣ ପାଇଁ ଲୋକେ ବାହାର ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଉଚ୍ଚ ଶିକ୍ଷିତ ଛାତ୍ରୀଛାତ୍ରମାନେ ରୋଜଗାର ପାଇଁ ପରିବାରକୁ ଛାଡ଼ି ଦାଦନ ମୁହାଁ ହେବାରେ ଲାଗିଛନ୍ତି। ଏପରିକି ଅନ୍ୟ ରାଜ୍ୟରେ ନିର୍ଯାତନାର ଶିକାର ହେବା ସହ ମୃତ୍ୟୁମୁଖରେ ପଡୁଥିବା ମଧ୍ୟ ନଜିର ରହିଛି। ଜିଲାରେ ଥିବା ଶିମିଳିପାଳ ଜାତୀୟ ଉଦ୍ୟାନ ପରିସର ଓ ସଂଲଗ୍ନ ଅଞ୍ଚଳରେ ନୈସର୍ଗିକ ପର୍ଯ୍ୟଟନସ୍ଥଳୀ ରହିଛି। କଳା ମୁଗୁନୀ ପଥରରେ ଶୋଭାପାଉଛି ମା’ କୀଚକେଶ୍ୱରୀଙ୍କ ମନ୍ଦିର। ନିକଟସ୍ଥ କେସନା ଗ୍ରାମର କଳା ମୁଗୁନୀ ପଥର ଶିଳ୍ପୀମାନେ କୌଳିକ ବୃତ୍ତି ଜାରି ରଖିଛନ୍ତି। ଏହା ସହିତ ଜିଲାର କୋଣ ଅନୁକୋଣରେ ରାଜରାଜୁଡାଙ୍କ ଐତିହ୍ୟସ୍ଥଳୀ ଜିଲାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ସେହିପରି ବନ୍ୟଜାତ ଦ୍ରବ୍ୟ ସହିତ ଡୋକ୍ରା ଶିଳ୍ପର ଚାହିଦା ରହିଛି। ମାତ୍ର ଏଗୁଡ଼ିକର ଉପଯୁକ୍ତ ପ୍ରଚାର ପ୍ରସାର ଏବଂ ବଜାର ସୃଷ୍ଟି କରାଯାଉ ନ ଥିବାରୁ କୌଳିକ ବୃତ୍ତିରୁ ଲୋକେ ମୁହଁ ଫେରାଇ ନେଉଛନ୍ତି।

## ରୋଜଗାର ସୃଷ୍ଟି ସହ ବନଜାତ ଦ୍ରବ୍ୟର ସୁପରିଚାଳନା ଦାବି

ସେହିପରି ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଅଞ୍ଚଳରେ ବେଆଇନ ନିଶାଦ୍ରବ୍ୟ(ଅଫିମ) ଚାଷ ହେଉଥିବା ବେଳେ ଚୋରା ଖଣିଖନନ ଓ ପଥର ଚାଲାଣକୁ ରୋକିବାରେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏଗୁଡ଼ିକର ଉଚିତ ପରିଚାଳନା କରାଗଲେ ଜିଲାରେ ରୋଜଗାର ସୃଷ୍ଟି ହେବା ସହ ଶିମିଳିପାଳର ହୃତ ଗୌରବ ବଜାୟ ରହିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ଶକ୍ତି କାଫେ ନିର୍ମାଣ ସହିତ ଆଞ୍ଚଳିକ ଖାଦ୍ୟ ତଥା କଳା ସଂସ୍କୃତିର ସାମଗ୍ରୀ ଗ୍ୟାଲେରୀ ପ୍ରତିଷ୍ଠା କରାଗଲେ ବହୁ ବେକାର ଯୁବତୀ ଯୁବକ ରୋଜଗାରକ୍ଷମ ହୋଇପାରନ୍ତେ। ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକଙ୍କ ନିମନ୍ତେ ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇ ଏକ ଉତ୍ତମ ପରିବେଶ ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରିବାକୁ ମଧ୍ୟ ଦାବି କରାଯାଇଛି।

କେନ୍ଦ୍ର ସରକାରଙ୍କ ଦର୍ଶନ-୨ ଯୋଜନାରେ ଶିମିଳିପାଳକୁ ସାମିଲ କରାଗଲେ ଅଞ୍ଚଳର ଅର୍ଥନୈତିକ ବିକାଶ ହେବା ସହିତ ଜିଲାବାସୀ ସ୍ୱାବଲମ୍ବୀ ହୋଇପାରିବେ। ଖିଚିଂସ୍ଥିତ କେସନା ଗ୍ରାମକୁ ଶିଳ୍ପୀ ଗ୍ରାମ ଭାବେ ଘୋଷଣା କରି ଜାତୀୟ ତଥା ଅନ୍ତର୍ଜାତୀୟ ବଜାର ସୃଷ୍ଟି କରିବା ନିହାତି ଜରୁରୀ ବୋଲି ଭଞ୍ଜସେନା ପକ୍ଷରୁ ଦାବି କରାଯାଇଛି। ଜିଲାରେ ଉପଲବ୍ଧ ଶାଳପତ୍ର, ବାଉଁଶ, ମହୁଲ, ସବାଇଘାସ ଭଳି ଲଘୁ ଖଣିଜ ଦ୍ରବ୍ୟକୁ ନେଇ ରୋଜଗାର ସମ୍ବନ୍ଧୀୟ ଡିପିଆର ପ୍ରସ୍ତୁତ ପୂର୍ବକ ପ୍ରତି ଗ୍ରାମରେ ସେହି ସବୁ ଦ୍ରବ୍ୟର କୁଟୀର ଶିଳ୍ପ ପ୍ରତିଷ୍ଠା କରିବା, ଜିଲାରେ ଟସରରୁ ନିର୍ମିତ ହେଉଥିବା ପୋଷାକ ଏବଂ ଆଦିବାସୀମାନଙ୍କ ପୋଷାକ ତିଆରି ଉପରେ ଗୁରୁତ୍ୱ ଦେବା, ମାଟିରୁ ପ୍ରସ୍ତୁତ ସାମଗ୍ରୀକୁ ସୁପରିଚାଳନା କରିବା ଆଦି ଦାବି ଉପସ୍ଥାପନା କରାଯାଇଛି। ଜିଲାରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା, ଐତିହ୍ୟସ୍ଥଳୀର ପୁନରୁଦ୍ଧାର ସହିତ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମାଧ୍ୟମରେ ରୋଜଗାର ସୃଷ୍ଟି କରିବା ସକାଶେ ଏକ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରିବାକୁ ଭଞ୍ଜ ସେନା ଦାବି କରିଛି।

# ପୁରୁଣା ବାରିପଦା, ଅଁରାଶୁଳି ଏଫ୍‌ସି ଟିମ୍ ଚାମ୍ପିୟନ

ଗୋପବନ୍ଧୁ ନଗର, ୨୮।୧
(ଶାନ୍ତନୁ କୁମାର ମଣ୍ଡୁଆଲ)

## ୨ ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ

ଗୋପବନ୍ଧୁ ନଗର ବ୍ଲକ ଶୀଳଘାଟି ପଞ୍ଚାୟତ ଗୁଡଡିହା ସିନ୍ଦୁରଗୌରା ଯୁବକ ସଂଘ ପକ୍ଷରୁ ୨ ଦିନ ଧରି ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମା’ ତୁଳସୀ ମୁର୍ମୁ ମେମୋରିଆଲ ପକ୍ଷରୁ ୮ ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ରୟାଲ ଫଟି ଝାଞ୍ଜିରାପାଳ ଦଳକୁ ହରାଇ ଭେଟରାନ ପୁରୁଣା ବାରିପଦା ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସମିତି ସଭ୍ୟ ଅଭିମନ୍ୟୁ ପାତ୍ର, ୱାର୍ଡ ସଭ୍ୟ କୁଅଁର ମୁର୍ମୁ, ଅବସରପ୍ରାପ୍ତ ଶିକ୍ଷକ ଚନ୍ଦନେଶର ମୁର୍ମୁ, ଘନଶ୍ୟାମ ମୁର୍ମୁ, ଲମ୍ବୋଦର ମୁର୍ମୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ୧୦ ହଜାର ଓ ରନର ଅପ୍ ଦଳକୁ ୭ ହଜାର ଟଙ୍କାର ଅର୍ଥ ରାଶି ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ଯୁବକ ସଂଘ ଆନୁକୂଲ୍ୟରେ ୮ ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ଖେଳରେ ଏସଜିୱାଇଏସ ଗୁଡଡିହା ଦଳକୁ ହରାଇ ଅଁରାଶୁଳି ଏଫ୍‌ସି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସରପଞ୍ଚ ଖେଲା ହେମ୍ବ୍ରମ, ସମିତି ସଭ୍ୟ ଅଭିମନ୍ୟୁ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ସାଗରାମ ଟୁଡୁ, ସମ୍ପାଦକ ରତ୍ନାକର ମୁର୍ମୁଙ୍କ ସମେତ ସମସ୍ତ ସଦସ୍ୟ ଖେଳ ପରିଚାଳନା କରିଥିଲେ।

# ଷ୍ଟେଶନ ବଜାର ହାଟର ଉନ୍ନତୀକରଣ ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର।

ବାରିପଦା,୨୮।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ମା’ ଅମ୍ବିକା ମନ୍ଦିରଠାରୁ ତାରିଣୀ ମନ୍ଦିର ରାସ୍ତାର ଅଳଙ୍କାରିକ ସୌନ୍ଦର୍ଯ୍ୟ ଆଲୋକକୁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ଏହାସହ ଷ୍ଟେଶନ ବଜାର ହାଟର ଉନ୍ନତୀକରଣ ସହ ମାର୍କେଟ କମ୍ପ୍ଲେକ୍ସର ଶିଳାନ୍ୟାସ କରି ସ୍ଥାନୀୟ ଚାଷୀଙ୍କ ସୁବିଧା ପାଇଁ ମଧ୍ୟ ଏକ କୃଷକ ବଜାର ନିର୍ମାଣ କରାଯିବ ବୋଲି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପାଧକ୍ଷା ସୀମା ଦାସ, ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଏବଂ ସମସ୍ତ ୱାର୍ଡ କାଉନସିଲର ଉପସ୍ଥିତ ରହିଥିଲେ।

## ସଫା ଆଳରେ ଗହଣା ଲୁଟ୍

ଉଦଳା,୨୮।୧(ସନ୍ତୋଷ କୁମାର ବାଚ୍ଛିନୀ)

ଆସିଲେ କମ୍ପାନୀର କର୍ମଚାରୀ କହିଲେ ଆଉ ଗହଣା ସଫା କରିବା ବାହାନାରେ ଲୁଟି ନେଇ ଚାଲିଗଲେ। ମୟୂରଭଞ୍ଜ ଜିଲା ଉଦଳା ଏନ୍‌ଏସି ଅଧୀନ ୩ ନଂ. ୱାର୍ଡରେ ଆଶାଲତା ପୃଷ୍ଟିଙ୍କ ଘରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଲୁଟ ହୋଇଛି। ସୂଚନା ଅନୁଯାୟୀ, ୨ ଯୁବକ ତାଙ୍କ ଘରେ ପହଞ୍ଚି ଏକ କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଏକ ପାଉଡର ସାହାଯ୍ୟରେ ସମସ୍ତ ପିତ୍ତଳ, କଂସାବାସନ ଏବଂ ସୁନା ଗହଣା ସଫା ହୋଇପାରିବ ବୋଲି କହିଥିଲେ। ଏପରିକି କିଛି ପିତ୍ତଳ ବାସନକୁସନ ସଫା କରିବା ପରେ ସୁନା ଅଳଙ୍କାର ମାଗିଥିଲେ। ଆଶାଲତା ଏବଂ ମଧୁସ୍ମିତା ନିଜର ସୁନା କାନଫୁଲ ଏବଂ ଚେନ ଦେବା ପରେ ଯୁବକ ଦ୍ୱୟ ତାହାକୁ ପାଉଡର ଭିତରେ ସଫା କରିବା ନିମନ୍ତେ ରଖିଥିଲେ। କିଛି ସମୟ ପରେ ଖୋଲିବାକୁ କହିଥିଲେ। ପରେ ଖୋଲିଲା ବେଳକୁ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଲୁଟି ନେଇଥିବା ଜାଣିବାକୁ ପାଇଥିଲେ। ଉଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଭାଗବତ ପାରାୟଣ, ପ୍ରବଚନ

ଝାରପୋଖରିଆ,୨୮।୧(ସୁଧୀର କୁମାର ମହାନ୍ତ)

ଝାରପୋଖରିଆସ୍ଥିତ ସଚେତନ ଯୁବପିଢ଼ିଙ୍କ ଉଦ୍ୟମରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଭାଗବତ କଥାମୃତ ପ୍ରବଚନ ମଙ୍ଗଳବାର ସ୍ଥାନୀୟ ଶ୍ରୀଶ୍ରୀ ବାବା ଲୋକନାଥ ମହାଦେବଙ୍କ ପୀଠ ପ୍ରାଙ୍ଗଣରେ ଆରମ୍ଭ ହୋଇଯାଇଛି। ଭଦ୍ରକ ଅଧିବାସୀ ପଣ୍ଡିତ ଅଶୋକ କୁମାର ରଥ ପ୍ରବଚକ ଭାବେ ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ। ଶତାଧିକ ମହିଳା, ପୁରୁଷ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ‘ପୁସ୍ତକ ହିଁ ସମାଜରେ ଜ୍ଞାନ ବିତରଣର ମାଧ୍ୟମ’



ଅତିଥିଙ୍କ ସମ୍ମୁଖରେ କୁନି ଝିଅ ମୋକ୍ଷଦା ପଟ୍ଟନାୟକ ଶ୍ରୀମଦଭଗବତ ଗୀତା ଗାନ କରୁଛନ୍ତି।

ବାରିପଦା,୨୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଛଉ ପଡ଼ିଆରେ ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକମେଳାର ପଞ୍ଚମ ଦିବସରେ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। କମିଟିର ବରିଷ୍ଠ ସଦସ୍ୟା ସୁଶ୍ରୀ କାବେରୀ ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡାକ୍ତର ଚେତନା ପଟ୍ଟନାୟକ ଦମ୍ପତିଙ୍କ ପାଞ୍ଚବର୍ଷର କୁନିଝିଅ ମୋକ୍ଷଦା ପଟ୍ଟନାୟକ ସୁଲଳିତ ଉଚ୍ଚାରଣରେ କଣ୍ଠସ୍ଥ ଶ୍ରୀମଦଭଗବତ ଗୀତା ପୁରୁଷୋତ୍ତମ ଯୋଗଃର ପଞ୍ଚଦଶ ଅଧ୍ୟାୟ ଗାନକରି ସଭାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାଏକ ଉଦ୍‌ବୋଧନ ଦେଇ ପୁସ୍ତକ ହିଁ ସମାଜରେ ଜ୍ଞାନ ବିତରଣର ମାଧ୍ୟମ ବୋଲି କହିଥିଲେ। ଉପ ସଭାପତି ଅଜିତ କୁମାର କବାଟ ମଧ୍ୟ ବକ୍ତବ୍ୟ ରଖିଥିଲେ। ସଭା ଶେଷରେ ନୃତ୍ୟାଙ୍ଗନା ସୁଶ୍ରୀ ସିଦ୍ଧି ମେହେଟା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କବି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଦସ୍ୟ ଦୀପକ କୁମାର ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ।

# ବଡ଼ଭାଇ ଆକ୍ରମଣରେ ସାନ ଗୁରୁତର

ଉଦଳା,୨୮।୧(ସନ୍ତୋଷ କୁମାର ବାଚ୍ଛିନୀ)

ଉଦଳା ଥାନା ଧାନଘେରା ଛକ ନିକଟରେ ବଡ଼ଭାଇ ଆକ୍ରମଣରେ ସାନ ଭାଇ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତିକରାଯାଇଛି। ଗୁରୁତର ସାନଭାଇ ଜଣକ ହେଲେ ରାଜେଶ ବାରିକ। ସୂଚନା ଅନୁଯାୟୀ, ଧାନଘେରା ମଡେଲ ସ୍କୁଲ ଛକରେ ବୁଧବାର ରାଜେଶ ମାଂସ କାଟୁଥିଲେ। ଏହି ସମୟରେ ତାଙ୍କର ୨ ବଡ଼ଭାଇ ଆଶିଷ ଏବଂ ଅଶ୍ୱିନୀ ସେଠାରେ ପହଞ୍ଚି ସମସ୍ତ ମାଂସ ଦେଇଦେବାକୁ କହିଥିଲେ। ଏନେଇ ଯୁକ୍ତିତର୍କ ହୋଇଥିଲା। ଆଶିଷ ଏବଂ ଅଶ୍ୱିନୀ ଉତ୍ତ୍ୟକ୍ତ ହୋଇ ଧାରୁଆ ଅସ୍ତ୍ରରେ ରାଜେଶଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ରାଜେଶଙ୍କ ପୁଅ ସେଠାରେ ପହଞ୍ଚିଥିବା ବେଳେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ରାଜେଶ ଗୁରୁତର ହେବା ପରେ ଆକ୍ରମଣକାରୀ ୨ଭାଇ ସେଠାରୁ ଚାଲି ଯାଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୨୫/୨୬) ରୁଜୁ କରି ତଦନ୍ତ ଜାରି ରଖିଛି।

# ଓଡ଼ିଶା ବନ୍ଦ ଆଂଶିକ ପ୍ରଭାବ

ଝାରପୋଖରିଆ/ ରାଇରଙ୍ଗପୁର/ ବୈଶିଙ୍ଗା, ୨୮।୧ (ସୁଧୀର କୁମାର ମହାନ୍ତ/ମାନସ ମହାନ୍ତି/ ରତନ ଦାଶ)

ପ୍ରଦୂଷଣ ସାର୍ଟିଫିକେଟ, ଧାନ କ୍ରୟ ଏବଂ ଟାଟା ପାୱାର ପକ୍ଷରୁ ସ୍ମାର୍ଟ ମିଟର ଲଗାଇବା ସମେତ ସମସ୍ୟାକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ଓ କଂଗ୍ରେସ ସମର୍ଥନରେ ବୁଧବାର ମୟୂରଭଞ୍ଜ ଜିଲାରେ ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ଝାରପୋଖରିଆ ବଜାରରେ ବନ୍ଦର ଆଂଶିକ ପ୍ରଭାବ ପଡ଼ିଥିଲା। ଶତାଧିକ ଭାରିଯାନ ଅଟକି ରହିଥିଲା। ସାରସକଣା ବ୍ଲକ କଂଗ୍ରେସ ସଭାପତି ତରୁଣ କୁମାର ଗିରିଙ୍କ ନେତୃତ୍ୱରେ ଚିତ୍ତ ବିକାଶ ମହାପାତ୍ର, ଦୀପକ ଦାସ, ମନୋଜ ମହାନ୍ତ, ଅଶୋକ ସେଠୀ, ବାବୁଲି ମହାନ୍ତ ଏବଂ ରଞ୍ଜିତ ନାଏକ ରାଜରାସ୍ତାରେ ପିକେଟିଂ କରି ଯାନବାହାନ ଅଟକ କରିଥିଲେ। ରାଇରଙ୍ଗପୁର କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। କଂଗ୍ରେସ ନେତୃବୃନ୍ଦ ଏବଂ କର୍ମୀମାନେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ଏବଂ ବିଭିନ୍ନ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବନ୍ଦ ପାଳନରେ ନବ ନିର୍ମାଣ କୃଷକ ସଂଗଠନର କିଶୋର ମହାନ୍ତ, ଯୁବ ସଂଗଠନ ସଭାପତି ପିଥ ମୁର୍ମୁଙ୍କ ସମେତ କଂଗ୍ରେସର ୨ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହ୍ଲାଦ ପୂର୍ତ୍ତି ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ସିମାଲ ମାଝୀ ପ୍ରମୁଖ ସାମିଲ ଥିଲେ। ବେତନଟୀ ଓ ବୈଶିଙ୍ଗା ଅଞ୍ଚଳରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ବ୍ୟାଙ୍କ ଓ କେତେକ ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ ଥିଲା। ଦୋକାନ ବଜାର, ଗାଡ଼ିମଟର ଚଳାଚଳ ସ୍ୱାଭାବିକ ଥିଲା।

# ବ୍ୟାଙ୍କ ବନ୍ଦ, ଲୋକେ ହୀନସ୍ତା

ବୈଶିଙ୍ଗା,୨୮।୧(ରତନ ଦାଶ)

## ପ୍ରଶାସନିକ ଦାୟିତ୍ୱହୀନତା ନେଇ ଚର୍ଚ୍ଚା

ଗତ ଶୁକ୍ରବାରଠାରୁ ବୁଧବାର ପର୍ଯ୍ୟନ୍ତ କ୍ରମାଗତ ଭାବେ ୬ଦିନ ଧରି ବ୍ୟାଙ୍କ ସେବା ବନ୍ଦ ରହିବା ଯୋଗୁ ସମସ୍ତ ବ୍ୟବସାୟିକ ଅନୁଷ୍ଠାନ, କଳକାରଖାନାରେ କାର୍ଯ୍ୟରତ ଶ୍ରମିକ, ସାଧାରଣ ଗ୍ରାହକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରାଜ୍ୟ ସରକାର ଏଭଳି ପରିସ୍ଥିତିରେ କ୍ରମାଗତ ଛୁଟିକୁ ଆଖି ଆଗରେ ରଖି ମଝିରେ କୌଣସି ଏକ ଦିନକୁ ବ୍ୟାଙ୍କର ଏକ କାର୍ଯ୍ୟ ଦିବସ ଭାବେ ଘୋଷଣା କରିଥାନ୍ତି। ମାତ୍ର ଚଳିତ ଥର ପ୍ରଶାସନର ଏଭଳି ଅଣଦେଖାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଇଛି। ଏହା ପ୍ରଶାସନିକ ଅପରିପକ୍ୱତାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଶୁକ୍ରବାର ସରସ୍ୱତୀ ପୂଜା, ଏହାର ପରଦିନ ଚତୁର୍ଥ ଶନିବାର, ପରଦିନ ରବିବାର, ସୋମବାର ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବ୍ୟାଙ୍କ ଛୁଟି ଥିବା ବହୁ ପୂର୍ବରୁ ନିର୍ଦ୍ଧାରିତ ଥିଲା। ସେହିଭଳି ବିଭିନ୍ନ ବ୍ୟାଙ୍କ ୟୁନିୟନ ଗୁଡ଼ିକମାସେ ପୂର୍ବରୁ ମଙ୍ଗଳବାର ଓ ବୁଧବାର ସର୍ବ ଭାରତୀୟସ୍ତରରେ ଧର୍ମଘଟ ଡାକରା ଦେଇଥିବାରୁ ସରକାରଙ୍କ ନିକଟରେ ଏବାବଦରେ ମଧ୍ୟ ସ୍ପଷ୍ଟ ସୂଚନା ଥିଲା। ଏହା ସତ୍ତ୍ୱେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ଜନସାଧାରଣଙ୍କ ପାଇଁ ଏହା ଏକ ନିର୍ଯାତନା ସଦୃଶ ଉଭା ହୋଇଛି। ଏମିତିକି ବେତନଟୀ ବ୍ଲକ ତଥା ବୈଶିଙ୍ଗା ଅଞ୍ଚଳରେ ସରକାରଙ୍କ ପକ୍ଷରୁ ଚାଲିଥିବା ଉନ୍ନୟନମୂଳକ ପ୍ରକଳ୍ପ ଗୁଡ଼ିକରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ମଧ୍ୟ ପାରିଶ୍ରମିକ ମିଳୁ ନ ଥିବା ଅଭିଯୋଗ ହୋଇଛି।

# ବ୍ଲକ୍‌ଗ୍ରାଣ୍ଟ କର୍ମଚାରୀଙ୍କ ଧାରଣା

ମୋରଡ଼ା,୨୮।୧(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବ୍ଲକଗ୍ରାଣ୍ଟ କର୍ମଚାରୀମାନେ ବୁଧବାର ଧାରଣାରେ ବସିଥିଲେ। ସୂଚନା ଅନୁଯାୟୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର(୪୮ ବର୍ଗ) ୨୦୦୯ ବ୍ଲକ ଗ୍ରାଣ୍ଟ ଅନୁଦାନ ପ୍ରାପ୍ତ କର୍ମଚାରୀମାନେ ବିଗତ ୨୦୨୫ ଫେବୃୟାରୀ ମାସର ଦରମା ବର୍ତ୍ତମାନ ସୁଦ୍ଧା ପାଇନାହାନ୍ତି। ଏଥି ସହିତ ଆର୍ଥିକ ବର୍ଷ ୨୦୨୪-୨୫ର ସମ୍ପୂର୍ଣ୍ଣ ୧୨ମାସର ଶିକ୍ଷୟତ୍ରୀ ଶିକ୍ଷକ ଆୟ ସମ୍ପର୍କିତ ଟିଡିଏସ ବାବଦରେ ୧୩ ହଜାର ୫୦୦ଟଙ୍କାରୁ ଅଧିକ ଓ ପୂର୍ବରୁ ବକେୟା ଥିବା ୭୮ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଦରମା ରାଶି ଉକ୍ତ ମାଧ୍ୟମିକ ବିଦ୍ୟାଳୟର ଖାତାରେ ଜମା ଥିଲେ ମଧ୍ୟ ପ୍ରଦାନ କରୁ ନାହାନ୍ତି। ଏବାବଦରେ କର୍ମଚାରୀମାନେ ଅଧ୍ୟକ୍ଷଙ୍କୁ ପୂର୍ବରୁ ତିନିଥର ଲିଖିତ ଭାବେ ଜଣାଇଥିଲେ ମଧ୍ୟ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ବାଧହୋଇ କର୍ମଚାରୀମାନେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା କହିଛନ୍ତି।



ଧାରଣାରେ ବସିଥିବା କର୍ମଚାରୀମାନେ।

# କମ୍ପାନୀ ବିରୋଧରେ ସ୍ୱର ଉଠାଇଲେ ଗ୍ରାମବାସୀ

ମୋରଡ଼ା,୨୮।୧(ସ୍ମାରକ ମାଜୀ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଏକ ଜନ ଅଭିଯୋଗ ଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ ଓ ବାରିପଦା ଉପଜିଲାପାଳ ଦୟାସିନ୍ଧୁ ପରିଡ଼ା ଉପସ୍ଥିତ ଥିଲେ। ଶୁଣାଣି ବୈଠକରେ ଭେନକୋ ରିସର୍ଚ୍ଚ ଆଣ୍ଡ ବ୍ରିଡିଙ୍ଗ ଫାର୍ମର ହେଚେରୀରେ ହେଉଥିବା ବେନିୟମ କାର୍ଯ୍ୟ ବିରୋଧରେ ମୋରଡ଼ା ବ୍ଲକ ଅଧୀନ ମାକୁନ୍ଦା ଓ ରାସଗୋବିନ୍ଦପୁର ବ୍ଲକର ଛାତନା ଗ୍ରାମବାସୀ ବିଭିନ୍ନ ଅଭିଯୋଗ ମନ୍ତ୍ରୀ ମହାପାତ୍ରଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ଏବଂ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ।

କମ୍ପାନୀ ବିରୋଧରେ ବିଭିନ୍ନ ଅଭିଯୋଗ ମଧ୍ୟରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି, ରାସାୟନିକ ଦ୍ରବ୍ୟ ପ୍ରୟୋଗ ଦ୍ୱାରା ଅଞ୍ଚଳରେ ବିଭିନ୍ନ ରୋଗର ଆଶଙ୍କା, ବେଆଇନ ଭାବେ ସରକାରୀ ଜମି ଜବରଦଖଲ, ଘରବାଡି କିସମ ନ ଥାଇ ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ, ବିନା ଅନୁମତିରେ ଭୂତଳ ଜଳର ବ୍ୟାପକ ଅପବ୍ୟବହାର, କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ ନିୟମ ଅନୁଯାୟୀ ଦରମା ପ୍ରଦାନ ନ କରିବା, ବିଭିନ୍ନ ଯନ୍ତ୍ରପାତି ଚାଲିବା ପାଇଁ ବେଆଇନ ଭାବେ ଧାର୍ଯ୍ୟଠାରୁ ଅଧିକ ବିଦ୍ୟୁତ୍ ବ୍ୟବହାର କରିବା, କର୍ମଚାରୀ ନିଯୁକ୍ତିରେ ବ୍ୟାପକ ହେରଫେର, ପ୍ରାଇଭେଟ କମ୍ପାନୀ ହେଲେ ମଧ୍ୟ ଏହାର ସିଏସଆର ଫଣ୍ଡ ଆଖପାଖ ଅଞ୍ଚଳର ଉନ୍ନତି ପାଇଁ ବିନିଯୋଗ ନ ହେବା, ଅଞ୍ଚଳର ଲୋକମାନଙ୍କୁ କୁକୁଡ଼ା ଚିଆଁ ତଥା କୁକୁଡ଼ା ବିକ୍ରି ନ କରିବା ଓ କମ୍ପାନୀ ପାଇଁ ଜମି ଦେଇଥିବା ଲୋକଙ୍କ ପରିବାର ସଦସ୍ୟଙ୍କୁ କୌଣସି ନିଯୁକ୍ତି ନ ଦେବା ଇତ୍ୟାଦି ରହିଥିଲା। ଗ୍ରାମବାସୀ, କମ୍ପାନୀ କର୍ମକର୍ତ୍ତା ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ମନ୍ତ୍ରୀ ଉପରୋକ୍ତ ଅଭିଯୋଗ ଗୁଡିକର ଆଲୋଚନା କରିଥିଲେ। ଆଲୋଚନା ପରେ ନିଷ୍ପତ୍ତି ନିଆଯାଇଥିଲା ଯେ କମ୍ପାନୀ କାର୍ଯ୍ୟକ୍ଷମରେ ଯେଉଁ ଯେଉଁ ବିଭାଗ ସଂଯୁକ୍ତ ରହିଛି ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କ ଦ୍ୱାରା ଖୁବ୍ ଶୀଘ୍ର ମିଳିତ ତଦନ୍ତ କରାଯିବ। ତଦନ୍ତ ପରେ କମ୍ପାନୀ ପକ୍ଷରୁ ଯଦି କୌଣସି ତ୍ରୁଟି ହୋଇଥିବା ପରିଲକ୍ଷିତ ହୁଏ ବା ପ୍ରମାଣିତ ହୁଏ ତେବେ ସମ୍ପୃକ୍ତ ବିଭାଗର ନିୟମ ଅନୁଯାୟୀ କମ୍ପାନୀ ବିରୋଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ମନ୍ତ୍ରୀ, ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେଲା ବୈଠକ

